## ରାଉରକେଲାରେ ସେକ୍ସ ର୍ୟାକେଟ୍, ୭ ଗିରଫ

**ରାଉରକେଲା ଅଫିସ୍:** ରାଉରକେଲା ସହରରେ ଥିବା ଏକ ହୋଟେଲରେ ଦେହ ବେପାର ଚାଲିଥିବା ବେଳେ ଉଦିତନଗର ପୋଲିସ ବୁଧବାର ରାତିରେ ଚଢାଉ କରିଥିଲା। ଚଢାଉ ବେଳେ ଉକ୍ତ ହୋଟେଲରୁ ୭ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ୫ଜଣ ଦେହଜୀବୀ, ୨ଜଣ ଗରାଖ ଏବଂ ୨ଜଣ ହୋଟେଲ କର୍ମଚାରୀ ରହିଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନା ଅନୁସାରେ, କରୋନା କାଳରେ ଲକ୍‌ଡାଉନର ସୁଯୋଗ ନେଇ କଲିକତା ଓ ପଶ୍ଚିମ ଓଡିଶାରୁ ୫ଜଣ ଯୁବତୀଙ୍କୁ ଉକ୍ତ ହୋଟେଲକୁ ଅଣାଯାଇ ଜଣ ପିଛା ୨୦ ହଜାର ଟଙ୍କା ଦେବାକୁ ଚୁକ୍ତି ହୋଇଥିଲା। ଏଠାକୁ ନିୟମିତ ଗରାଖ ଆସୁଥିବା ବେଳେ ବିଭିନ୍ନ ସମୟରେ ସେମାନଙ୍କ ମଧ୍ୟରେ ବିବାଦ ଉପୁଜୁଥିଲା। ଖବର ପାଇ ପୋଲିସ ଅଚାନକ ଉକ୍ତ ହୋଟେଲ ଉପରେ ଚଢାଉ କରିଥିଲା।

**ସଂକ୍ଷେପରେ**

## ସିଲ୍ ହେଲା ସିଲଭର ମୁନ

### ବନ୍ଦ ନିର୍ଦ୍ଦେଶ ସତ୍ତ୍ୱେ ଚାଲିଥିବା ବାହାଘର

**ସମ୍ବଲପୁର,୧୫ା୭(ବ୍ୟୁରୋ):** ସମ୍ବଲପୁର ବୁର୍ଲା ଥାନା ଜାତୀୟ ରାଜପଥ- ୫୫ କଡରେ ଥିବା ସିଲଭର୍ ମୁନ୍ ହୋଟେଲକୁ ଗୁରୁବାର ସିଲ୍ କରାଯାଇଛି । ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ହୋଟେଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଚିଠି ପାଇବା ପରେ ମଧ ହୋଟେଲ ମାଲିକ ବନ୍ଦ ନ କରି ଖୋଲା ରଖିଲେ। ଗୁରୁବାର ସେଠାରେ ଏକ ବିବାହ କାର୍ଯ୍ୟକ୍ରମ ଚାଲିଥିଲା। ଏହି ସୂଚନା ପାଇ ଜିଲା ପ୍ରଶାସନ ଓ ପ୍ରଦୂଷଣ ବୋର୍ଡ ପକ୍ଷରୁ ଚଢାଉ କରାଯାଇଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ହୋଟେଲକୁ ସିଲ୍ କରି ଦିଆଯାଇଛି। ଅନ୍ୟପଟେ ବାହାରୁ ସିଲ୍ କରି ଦିଆଯାଇଥିଲେ ହେଁ ଭିତରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିବା ନେଇ ଅଭିଯୋଗ ହେଉଛି। ପୂର୍ବରୁ ହୋଟେଲ ବୁକ କରାଯାଇଥିବା ନେଇ ଆଲୋଚନା ହେଉଛି। ସୂଚନାଯୋଗ୍ୟ , ସିଲଭର୍ ମୁନ୍ ହୋଟେଲରୁ ନିର୍ଗତ ହେଉଥିବା ପାଣି ସିଧାସଳଖ ଆଖପାଖ ଚାଷ ଜମି ଓ କଟାକୁ ପ୍ରବେଶ କରୁଥିଲା । ଏହାସହ ସ୍ୱରେଜ ୱାଟର, ରୋଷେଇ ଘରର ଆବର୍ଜନା ମଧ ପକା ଯାଉଥିଲା । ଏହାକୁ ନେଇ ସ୍ଥାନୀୟ ପର୍ଯ୍ୟାବରଣ ସୁରକ୍ଷା ସମିତି ପକ୍ଷରୁ ଅଭିଯୋଗ କରାଯାଇଥିଲା ।

## ନିର୍ମାଣକାରୀ ସଂସ୍ଥା ଅସ୍ଥାୟୀ କ୍ୟାମ୍ପରୁ ଲୁହା ପାଇପ ଚୋରି ଘଟଣା: ୩ ଗିରଫ

**ରିଆମାଳ,୧୫ା୭(ଡି.ଏନ.ଏ):** ରିଆମାଳ ଥାନା ତଥା କଂସର ଫାଣ୍ଡି ଅନ୍ତର୍ଗତ ଗୁଣ୍ଡେଇମରା ଗ୍ରାମରେ ଥିବା ଏକ ନିର୍ମାଣକାରୀ ସଂସ୍ଥାର ଅସ୍ଥାୟୀ କ୍ୟାମ୍ପରୁ ଲୁହା ପାଇପ ଚୋରି ଅଭିଯୋଗରେ ରିଆମାଳ ଥାନା ପୋଲିସ ଗୁରୁବାର ୩ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ୧୨ ତାରିଖ ବିଳମ୍ବିତ ରାତ୍ରିରେ କେତେକ ଦୁର୍ବୃତ୍ତ ଗୁଣ୍ଡେଇମରା ଗ୍ରାମରେ ଥିବା ଏକ ନିର୍ମାଣକାରୀ ସଂସ୍ଥାର ଅସ୍ଥାୟୀ କ୍ୟାମ୍ପରୁ କେତେକ କାଷ୍ଟ ଆଇରନ ପାଇପ ଓ ଅନ୍ୟାନ ସାମଗ୍ରୀ ଚୋରି କରିନେଇଥିଲେ। ୧୩ ତାରିଖ ନିର୍ମାଣକାରୀ ସଂସ୍ଥାର ସାଇଟ ଇନଚାର୍ଯ ଚିତ୍ତରଂଜନ ପଣ୍ଡା ଏ ସମ୍ପର୍କରେ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ଚୋରି ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ଏହି ଚୋରି ମାମଲାରେ ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ଘୋଡାବନ୍ଧା ଗ୍ରାମର ପୂର୍ଣ୍ଣଚନ୍ଦ୍ର କୁସୁମ(୨୦), ଠେଲକୁଲି ଥାନା ଅନ୍ତର୍ଗତ ଘିଚାମୁରା ଗ୍ରାମର ଅଜୟ ଓରାମ(୧୯) ଓ ଗୋକୁଳାନନ୍ଦ ଭୋଇ(୨୨) ସମ୍ପୃକ୍ତ ଥିବା ଜଣାପଡିଥିଲା । ଫଳରେ ପୋଲିସ ଭିନ୍ନଭିନ୍ନ ସ୍ଥାନରେ ଚଢଉ କରି ଅଭିଯୁକ୍ତ ତ୍ରୟଙ୍କୁ ଗିରଫ କରିଥିଲା। ସେହିପରି ସମ୍ପୃକ୍ତ ଅଭିଯୁକ୍ତଙ୍କ ନିକଟରୁ ଚୋରି କାଷ୍ଟ ଆଇରନ ପାଇପ, ଗ୍ୟାସ ସିଲିଣ୍ଡର ଓ ଏକ ପିକଅପ୍ ଭ୍ୟାନ ନଂ- ଓଆର ୧୫ କେ-୦୩୯୯କୁ ଜବତ କରିଥିଲା ।



ସମ୍ବଲପୁର ଅଇଁଠାପାଲି ଛକରେ ଜାତୀୟ ରାଜପଥ ଅବରୋଧ କରାଯାଇଛି।



ଆନ୍ଦୋଳନକାରୀମାନେ ଝାରସୁଗୁଡ଼ା ଜିଲାର ପ୍ରସନ୍ନ ପଣ୍ଡା ଛକରେ ରାସ୍ତା ଅବରୋଧ କରିଛନ୍ତି।

# ସମ୍ବଲପୁର, ଝାରସୁଗୁଡ଼ାରେ ବନ୍ଦ ପାଳନ

**ଝାରସୁଗୁଡ଼ା ଅଫିସ୍/ସମ୍ବଲପୁର, ୧୫ା୭(ବ୍ୟୁରୋ)**

ବାମପନ୍ଥୀ ଦଳମାନଙ୍କ ତରଫରୁ ଗୁରୁବାର ଦିଆଯାଇଥିବା ୬ଘଣ୍ଟିଆ ବନ୍ଦ ଡାକରା ପ୍ରଭାବ ଝାରସୁଗୁଡ଼ା ଜିଲାରେ ଆଂଶିକ ପଡ଼ିଛି। ଆନ୍ଦୋଳନକାରୀମାନେ ବିଭିନ୍ନ ଅଞ୍ଚଳରେ ପିକେଟିଂ କରି ଦୋକାନ, ବଜାର ଓ ରାସ୍ତାଘାଟ ଆଦି ବନ୍ଦ କରିଥିଲେ। ଝାରସୁଗୁଡା ମୁଖ୍ୟସହରରେ କେତେକ ଦୋକାନ ବଜାର ବନ୍ଦ ରହିଥିବାବେଳେ ଆଉ କେତେକ ଖୋଲା ରହିଥିଲା। ବ୍ରଜରାଜନଗର ଓ ବେଲପାହାଡ ସହରରେ ବନ୍ଦର କୌଣସି ପ୍ରଭାବ ଦେଖିବାକୁ ମିଳି ନ ଥିଲା। ଆନ୍ଦୋଳନକାରୀମାନେ ସକାଳ ୬ଟାରୁ ୪୯ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ୍ ଓୟେର ପ୍ରସନ୍ନ ପଣ୍ଡା ଛକରେ ସିପିଆଇ ଜିଲା ଜୋନାଲ ସମ୍ପାଦକ ହରିଶଙ୍କର ସାହୁଙ୍କ ନେତୃତ୍ୱରେ ପିକେଟିଂକରି ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏହିପରି ୪୯ନଂ. ଜାତୀୟ ରାଜପଥ ଲଖନପୁର ବ୍ଲକ୍ ବେହେରାଗୁଡା ଛକରେ ସିପିଆଇ ଶ୍ରମିକନେତା ରମେଶ ତ୍ରିପାଠୀଙ୍କ ନେତୃତ୍ୱରେ ଆନ୍ଦୋଳନକାରୀମାନେ ପିକେଟିଂକରି ରାସ୍ତା ଅବରୋଧ କରିଥିଲେ। ଏହି ଆନ୍ଦୋଳନରେ ସିପିଏମ୍ ଜିଲା ସମ୍ପାଦକ ଗୌରୀଶଙ୍କର ପାତ୍ର, ବାସୁଦେବ ଧୁରୁଆ, ଡଗେଶ୍ୱର ନାୟକ, ଭୂଷଣ ସାହୁ, ଶିବ ଶଙ୍କର ତ୍ରିପାଠୀ, ଧର୍ମେନ୍ଦ୍ର କିଷାନ, ଲଖନପୁର ବ୍ଲକ କଂଗ୍ରେସ ସଭାପତି ଲିଙ୍ଗରାଜ ବଢେଇ, ସୁବ୍ରତ ପ୍ରଧାନ, ପ୍ରଶାନ୍ତ ସାହୁ, ପିଣ୍ଟୁ ଖମାରୀ, ଅମରେନ୍ଦ୍ର ପ୍ରତାପ ସିଂହ, ଚୂଳଦେବ ଭୋଇ, ସୁଦର୍ଶନ ରାଉତ, ମଇନା ଧୁରୁଆ, ଦୁତିଆ ଖରସେଲ୍, ମଦନ ମେହେର ଓ ବୁଦ୍ଧଦେବ ପିଙ୍ଗ୍ ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ।

ସମ୍ବଲପୁରରେ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ ହୋଇଛି। ସକାଳ ୬ଟାରେ ୫୩ ନଂ ଜାତୀୟ ରାଜପଥ ସହ ବିଭିନ୍ନ ଛକରେ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ସମ୍ବଲପୁର-ଝାରସୁଗୁଡା, ସମ୍ବଲପୁର-ବରଗଡ ଜାତୀୟ ରାଜପଥରେ ଯାତାୟତ ଠପ୍ ହୋଇ ଯାଇଥିଲା। ପରେ କର୍ମୀମାନେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିବାକୁ କହିଥିଲେ। ସହରରେ ଅଧିକ ପ୍ରଭାବ ପଡିଥିବା ବେଳେ ଗ୍ରାମାଞ୍ଚଳରେ ଆଶିଂକ ପ୍ରଭାବ ପଡିଥିଲା। କଂଗ୍ରେସ ଜିଲା ସଭାପତି ଅଶ୍ୱିନୀ ଗୁରୁ, ସିପିଆଇ ଏମର କିଶୋର ଜେନା, ଭି ରାମରାଓ, ଗଦାଧର କୁଅଁର, ଅକ୍ଷୟ ମହାପାତ୍ର, ବହୁଜନ ସମାଜବାଦୀ ପାର୍ଟିର ନାରାୟଣ ସୁନା, ଅନୀଲ ନାଏକ, ଆମ୍ ଆଦମୀ ପାର୍ଟିର ସଞ୍ଜୀବ ଶ୍ରୀବାସ୍ତବ, ମହମ୍ମଦ ଅନୱର, ମନିଶ ଗୋପ, ପପୁ ଯାଦବ, ସେବା ଦଳର ବିନୋଦିନୀ ଦୀପ ସାମିଲ ରହିଥିଲେ। ସିପିଆଇ ଜିଲା ସମ୍ପାଦକ ଏନ .ଗୋପାଳ, ସିପିଆଇ ନେତା ରବୀନ୍ଦ୍ର ମହାନ୍ତି , ଅଶୋକ ବିଶି ନେତୃତ୍ୱ ନେଇଥିଲେ। ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଯୋଗଦାନ କରିଥିଲେ।

## ଥମୁନି ହାତୀ ଆତଙ୍କ, ଘର ଭାଙ୍ଗି ଧାନ ଖାଇଲା

**କୁତ୍ରା,୧୫ା୭(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ଜଙ୍ଗଲ ପର୍ଶ୍ୱବର୍ତ୍ତୀ ଅଞ୍ଚଳରେ ହାତୀ ଆତଙ୍କ ଥମିବାର ନାଁ ଧରୁନାହିଁ। ଦିନକୁ ଦିନ ଦନ୍ତା ହାତୀର ଉତ୍ପାତ ବଢ଼ିବାରେ ଲାଗିଛି। ବଡ଼ଗାଁ ବନାଞ୍ଚଳ ପଞ୍ଚରା ସେକ୍ସନରେ ବୁଧବାର ରାତିରେ ହାତୀ ଆତଙ୍କ ଦେଖାଦେଇଛି। ଏକ ଦନ୍ତା ହାତୀ ଉତ୍ପାତ କରି ପଞ୍ଚରା ପତ୍ରାପଡ଼ା ଗ୍ରାମର ଦୟା ମାଝୀଙ୍କ ଘର ଭାଙ୍ଗିବା ସହିତ ଧାନ ଖାଇଥିଲା। ପରେ ପଡାବାସୀ ହାତୀ ଘଉଡେଇବାରୁ ଦନ୍ତା ହାତୀ ପାଖ ଜଙ୍ଗଲ ଆଡକୁ ଚାଲିଯାଇଛି। ଘରଲୋକେ ଦନ୍ତା କବଳରୁ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ଏହି ଅଞ୍ଚଳରେ ବର୍ଷ ସାରା ହାତୀ ଆତଙ୍କ ଦେଖାଯାଉଛି। ଫଳରେ ରାତିରେ ଗ୍ରାମାଞ୍ଚଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଥିବାର ଦେଖିବାକୁ ମିଳୁଛି। ଦନ୍ତା ହାତୀ ରାତିରେ ଯାତାୟତ କରୁଥିବାବେଳେ ଜୋରରେ ଗର୍ଜନ କରିବା ସହିତ ଦ୍ରୁତ ଗତିରେ ଯାଉଥିବାରୁ ଲୋକେ ଅଧିକ ଭୟଭୀତ ହେଉଛନ୍ତି। ବନ ବିଭଗ କର୍ମଚାରୀ ମାନେ ଏଥିପ୍ରତି ଦୃଷ୍ଟି ଦେଇ ଦନ୍ତାକୁ ଘଉଡ଼ାଇବା ସହ ଘରଭଙ୍ଗା କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହେଉଛି।

## ଜଙ୍ଗଲରେ ଶିଶୁପୁତ୍ରକୁ ପକାଇଥିବା ଦମ୍ପତି ଗିରଫ

**ଦେବଗଡ଼ ୧୫ା୭ (ଡି.ଏନ.ଏ.)**

ବାରକୋଟ ବ୍ଲକ କାଦୋପଡା ପଞ୍ଚାୟତର ମସିନ୍ତା ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଶିଶୁ ପୁତ୍ର ଉଦ୍ଧାର ଘଟଣାରେ ଚାଇଲ୍ଡଲାଇନର ଏତଲା ଓ ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଗତ ୧୨ ତାରିଖ ରାତି ପ୍ରାୟ ୯ଟାରେ ମସିନ୍ତା ଗ୍ରାମ ନିକଟ ଜଙ୍ଗଲରୁ ଏକ ଶିଶୁର କାନ୍ଦିବା ଶବ୍ଦ ଶୁଣି ଗ୍ରାମବାସୀ ଭୟଭୀତ ହୋଇପଡିଥିଲେ। ସାହସ ବାନ୍ଧି ଗ୍ରାମର ଜଣେ ମହିଳା ସରସ୍ୱତୀ ମାଝି, ସ୍ୱାମୀ ରାଜେଶ ସହିତ ଜଙ୍ଗଲ ଭିତରକୁ ପ୍ରବେଶ କରି ଖୋଜାଖୋଜି କରିଥିଲେ। ଶେଷରେ ଗୋଟେ ଗଛମୂଳରୁ ୩ ମାସର ଶିଶୁ ପୁତ୍ରକୁ ପାଇଥିଲେ। ଶିଶୁକୁ ନେଇ ଗ୍ରାମର ବୀର୍ସା ଟୁରୀକୁ ରଖିବାକୁ ଦେଇଥିଲେ। ପରଦିନ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଚାଇଲ୍ଡଲାଇନର ଉପେନ୍ଦ୍ର ଭଞ୍ଜ ଓ ବାରକୋଟ ଥାନା ଏସଆଇ ଦେବବ୍ରତ ନାୟକଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମସିନ୍ତା ଗ୍ରାମରୁ ଶିଶୁକୁ ଉଦ୍ଧାର କରି ଆଣିବା ପରେ ଗ୍ରାମବାସୀ ଜଣେ ଅଚିହ୍ନା ମହିଳା ଓ ଜଣେ ପୁରୁଷକୁ ଜଙ୍ଗଲ ମଧ୍ୟରେ ଏଣେ ତେଣେ କିଛି ଖୋଜୁଥିବା ଦେଖିବାକୁ ପାଇଥିଲେ। ସେମାନଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ଥିବାରୁ ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ବାରକୋଟ ପୋଲିସକୁ ଖବର ଦେଇଥିଲେ । ପୋଲିସ ଏହି ଦୁଇ ଜଣଙ୍କୁ ଥାନାକୁ ନେଇ ପଚରା ଉଚୁରା କରିଥିଲେ।



ଗିରଫ ଦମ୍ପତି।

ମହିଳା ଜଣକୁ ରାତିରେ ସକ୍ଷୀ କେନ୍ଦ୍ରରେ ଆଣି ଛାଡି ଦେଇଥିଲେ। ଗୁରୁବାର ସକାଳେ ଏହି ଦୁଇ ଜଣ ଶିଶୁ ମଙ୍ଗଳ କମିଟି ଆଗରେ ଉପସ୍ଥିତ ହୋଇ ସାମୀସ୍ତ୍ରୀ କଳହ କାରଣରୁ ସେମାନେ ଶିଶୁକୁ ଜଙ୍ଗଲ ମଧରେ ପରିତ୍ୟକ୍ତ କରିଥିବା ସ୍ୱୀକାର କରିଥିଲେ ଓ ଅନୁରୋଧ କରିଥିଲେ ଶିଶୁକୁ ଫେରାଇ ଦେବାକୁ। କିନ୍ତୁ ସେମାନେ ଶିଶୁର ପିତାମାତା ବୋଲି କୌଣସି ଆଇନସିଦ୍ଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ଶିଶୁ କିଛି ଦିନ ତଳେ ଟୀକା ନେଇଛି, କିନ୍ତୁ ସେ ସମ୍ପର୍କିତ ମମତା କାର୍ଡ କିମ୍ବା ଜନ୍ମ ପ୍ରମାଣପତ୍ର ବି ନ ଥିଲା ତାଙ୍କ ପାଖରେ। ଏହି ପରିସ୍ଥିତିରେ ଏହି ଶିଶୁ ସେମାନଙ୍କର ନା କୌଣସି ବ୍ୟକ୍ତିଙ୍କ ଠାରୁ ଅପହରଣ କରି ଆଣିଛନ୍ତି ସେ କଥା ସେମାନଙ୍କ ବୟାନରୁ ସିଦ୍ଧ ହୋଇ ପାରି ନ ଥିଲା । ଶିଶୁ ମଙ୍ଗଳ କମିଟିର ଅଧକ୍ଷ୍ୟ ଅତୁଲ୍ୟ ପୂଜାରୀଙ୍କ ନିର୍ଦ୍ଦେଶ କ୍ରମେ ଚାଇଲ୍ଡଲାଇନ ସଂଯୋଜକ ରାମାକାନ୍ତ ସାହୁ ଥାନାରେ ଶିଶୁକୁ ହତ୍ୟା ଉଦ୍ୟମ ଓ ଶିଶୁ ପ୍ରତି ନିଷ୍ଠୁରତା ଅଭିଯୋଗରେ ଏତଲା ଦେଇଥିଲେ। ପୋଲିସ ଉଭୟ ଦମ୍ପତିଙ୍କୁ ଗିରଫକରି ଥାନାରେ ଅଟକ ରଖି ଅଧିକ ତଦନ୍ତ କରୁଥିବା ଜାଣିବାକୁ ମିଳିଛି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ମହିଳା ଜଣକ ଲୀନା ହେମବ୍ରମ ଓ ପୁରୁଷ କାଇରୋ ଶୋୟ ଝାଡ଼ଖଣ୍ଡ ଅଞ୍ଚଳର। ସେମାନେ ରାଉରକେଲାରେ ଶ୍ରମିକ ଭାବେ କାମ କରନ୍ତି। ୧୨ତାରିଖ ଏକ ବସରେ ରାଉରକେଲାରୁ ଆସି ମସିନ୍ତା ଗ୍ରାମକୁ ସନ୍ଧ୍ୟାରେ ଚାଲି ଚାଲି ଲୀନାର ସମ୍ପର୍କୀୟ ମାମୁ ଘରକୁ ଯାଉଥିଲେ। ରାସ୍ତା ସାରା ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଛି। ଏହି ବଚସା ଧୀରେ ଧୀରେ ଉଗ୍ର ରୂପ ଧରିଛି ଓ ସେମାନେ ରାଗରେ ଶିଶୁକୁ ଜଙ୍ଗଲ ମଧ ଗୋଟେ ଗଛ ତଳେ ଛାଡି ଦେଇ ଚାଲି ଯାଇଛନ୍ତି। ଯେହେତୁ ଏହି ଅଭିଯୁକ୍ତ ଦମ୍ପତିଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ଓ କୌଣସି ଆଇନ ସିଦ୍ଧ କାଗଜପତ୍ର ନ ଥିବାରୁ ତଥା ଶିଶୁର ଜୀବନ ପ୍ରତି ବିପଦ ଥିବାରୁ ବର୍ତ୍ତମାନ ପରିସ୍ଥିତିରେ ଶିଶୁକୁ ସେମାନଙ୍କୁ ହସ୍ତାନ୍ତର କରାଯାଇ ନାହିଁ। ଯେହେତୁ ଏହି ଅଭିଯୁକ୍ତ ଦମ୍ପତି ଝାଡ଼ଖଣ୍ଡର ତେଣୁ ସେହି ଅଞ୍ଚଳ ପ୍ରଶାସନ ଓ ଶିଶୁ ମଙ୍ଗଳ କମିଟି ସହ ଆଲୋଚନା କରି ଶିଶୁର ଥଇଥାନ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର ସୂଚନା ଦେଇଛନ୍ତି।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବନମହୋତ୍ସବ

**ଝାରସୁଗୁଡା ଅଫିସ୍,୧୫ା୭**

ଝାରସୁଗୁଡା ବରିଷ୍ଠ ନାଗରିକ ସଂଘ ତରଫରୁ ସ୍ଥାନୀୟ ବାଲିଯୋରୀ ସ୍ଥିତ ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର ପରିସରରେ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ସରୋଜ କୁମାର ସାମଲ, ସମ୍ମାନିତ ଅତିଥି ଡିଏଫ୍‌ଓ ଲଳିତ କୁମାର ପାତ୍ର, ବରିଷ୍ଠ ନାଗରିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ମାଫିଦାର, ସମ୍ପାଦକ ଦେବାର୍ଚ୍ଚନ ଠାକୁର ଓ ଟହଲୁ ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିରେ ବିଦ୍ୟାଳୟ ଅଧ୍ୟକ୍ଷା ସଞ୍ଜୁକ୍ତା ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତାପସ ରାୟ ଚୌଧୁରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ୨୫୦ ଚାରା ରୋପଣ କରାଯାଇଥିଲା। ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଫକୀର ମୋହନ ବାରିକ, ବାଳଗୋବିନ୍ଦ ମିଶ୍ର, ତୁଳାରାମ ପଟେଲ, ସୁଦାମ ଚନ୍ଦ୍ର ନାୟକ, ରଘୁମଣି ପଟେଲ ଉପସ୍ଥିତଥିଲେ।

## କୁଚିଣ୍ଡାରେ ବନ୍ଦ ପ୍ରଭାବଶୂନ୍ୟ

**କୁଚିଣ୍ଡା,୧୫ା୭(ଡି.ଏନ.ଏ.)**

ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ଓଡିଶାରେ ବାମପନ୍ଥୀ ଦଳ ପକ୍ଷରୁ ଗୁରୁବାର ଦିଆଯାଇଥିବା ବନ୍ଦ ଡାକରା କୁଚିଣ୍ଡାରେ ପ୍ରଭାବଶୂନ୍ୟ ହୋଇଛି। ଦୋକାନ ବଜାର ଖୋଲାଥିବା ବେଳେ ଗାଡିମୋଟର ଚଳାଚଳ କରିବା ଦେଖିବାକୁ ମିଳିଥିଲା ।

## ଝାରସୁଗୁଡ଼ା ଜିଲା ପୋଲିସ ପକ୍ଷରୁ ବନ ମହୋତ୍ସବ



ତାଳପଟିଆ ଫାଣ୍ଡି ପରିସରରେ ଏସ୍‌ପି ଚାରା ରୋପଣ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୧୫ା୭**

ଝାରସୁଗୁଡ଼ା ଜିଲା ପୋଲିସ ପ୍ରଶାସନ ତରଫରୁ ବୁଧବାର ୭୨ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଟାଉନ ଥାନା ତାଳପଟିଆ ଫାଣ୍ଡି ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ବିକାଶ ଚନ୍ଦ୍ର ଦାସ ମୁଖ୍ୟଅତିଥି, ଡିଏଫ୍‌ଓ ଲଳିତ ପାତ୍ର, ଏସିଏଫ୍ ସସ୍ମିତା ସାହୁ, ଅତିରିକ୍ତ ଏସ୍‌ପି କେଶବ ଚନ୍ଦ୍ର ବେହେରା,ଏସ୍‌ଡିପିଓ ନିର୍ମଳ ମହାପାତ୍ର, ବନଶ୍ରୀ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଔଷଧୀୟ ଗଛ ହରିଡା, ବାହାଡା, ଅଁଳା, ଲିମ୍ବ ସହିତ ଆମ୍ବ,ପିଜୁଳି, ଲେମ୍ବୁ, ଡାଳିମ୍ବ, ପଣସ ଆଦି ଚାରା ଲଗାଇଥିଲେ। ଝାରସୁଗୁଡା ଏସ୍‌ଡିପିଓ ମହାପାତ୍ର, ଟାଉନ ଥାନା ଆଇଆଇସି ସାବିତ୍ରୀ ବଳ, ଶରତ ଚନ୍ଦ୍ର ଦ୍ୱିବେଦୀ ଓ ସୁନିଲ ସରଫଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ଏସ୍‌ପି ଦାସ କହିଥିଲେ, ଜିଲା ପୋଲିସ ତରଫରୁ ବନ ମହୋତ୍ସବ ଆରମ୍ଭ ହୋଇଥିବାବେଳେ ଏଥିରେ ବନବିଭାଗର ସହଯୋଗ ରହିଛି। ପରିବେଶ ସନ୍ତୁଳନ ପାଇଁ ଗଛ ଲଗାଇବା ଆବଶ୍ୟକ। ଅକ୍ସିଜେନ ପ୍ରଦାନକାରୀ ବିଭିନ୍ନ ଗଛ ଲଗାଇ ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହାସହ ଜିଲାର ସମସ୍ତ ଥାନା ଅଧିକାରୀଙ୍କୁ ନିଜ ଅଞ୍ଚଳରେ ବୃକ୍ଷରୋପଣ କରି ସବୁଜ ବଳୟ ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଡିଏଫ୍‌ଓ ପାତ୍ର କହିଥିଲେ, ଜିଲା ପୋଲିସ ତରଫରୁ ନିଆଯାଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିରେ ବନବିଭାଗର ସହଯୋଗ ରହିବ। ବନବିଭାଗ ତରଫରୁ ଜିଲାରେ ଚଳିତବର୍ଷ ୫ ରେଞ୍ଜରେ ୬ଲକ୍ଷ ଚାରା ରୋପଣ କରିବାର ଲକ୍ଷ୍ୟ ରହିଛି। ଏଥିରେ ଜିଲାର ବିଭିନ୍ନ ଥାନାର ଅଧିକାରୀମାନେ ଯୋଗଦେଇ ଚାରା ରୋପଣ କରିଥିଲେ।

## ଇବ୍ ଥର୍ମାଲ ପ୍ରକଳ୍ପରେ ଦୁର୍ଘଟଣା: ଠିକାଶ୍ରମିକ ଆହତ

**ଝାରସୁଗୁଡା ଅଫିସ୍,୧୫ା୭**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲି ସ୍ଥିତ ଇବ୍‌ଥର୍ମାଲ ପ୍ରକଳ୍ପରେ ଗୁରୁବାର ଦୁର୍ଘଟଣା ଘଟି ଜଣେ ଠିକାଶ୍ରମିକ ଆହତ ହୋଇଛନ୍ତି। ଆହତ ଠିକାଶ୍ରମିକ ଜଣଙ୍କ ହେଲେ ତେଲେନପାଲି ଗ୍ରାମର ପ୍ରକାଶ ଖମାରୀ। ତାଙ୍କର ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଆହତ ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଇବ୍‌ଥର୍ମାଲ ହସ୍ପିଟାଲ୍ ପରେ ବୁର୍ଲାର ଏକ ଘରେଇ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ଏହି ଠିକାଶ୍ରମିକ ପ୍ରକଳ୍ପ ମେଣ୍ଟେନାନ୍ସ କାର୍ଯ୍ୟରେ ନିୟୋଜିତ ହୋଇଥିବା ଉତ୍ତର ପ୍ରଦେଶର ଇନ୍‌କୋ ଟେକ୍ ଠିକାସଂସ୍ଥାରେ ଇଲେକ୍ଟ୍ରିସିଆନ୍‌ଭାବେ କାମ କରୁଥିଲେ। ଶ୍ରମିକ ଜଣଙ୍କ ଟିଜି କଣ୍ଡେନ୍ସନ ଉପରେ ଚଢି କାମ କରୁଥିବାବେଳେ ହଠାତ୍ ତଳେଥିବା ଲୁହାଜାଲି ଖସି ପଡିଥିଲା। ଫଳରେ ଶ୍ରମିକ ଜଣଙ୍କ ଲୁହାଜାଲି ସହ ପ୍ରାୟ ୩୦ଫୁଟ୍ ତଳକୁ ଖସିପଡିଥିଲେ। ପ୍ରକଳ୍ପରେ କାର୍ଯ୍ୟରତ ଠିକାସଂସ୍ଥାମାନେ ଶ୍ରମିକଙ୍କ ସୁରକ୍ଷା ଦିଗରେ ଅଣଦେଖା କରୁଛନ୍ତି। ଫଳରେ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ଶ୍ରମିକମାନେ ଅଭିଯୋଗ କରୁଛନ୍ତି। ଏନେଇ ସମ୍ପୃକ୍ତ ଠିକାସଂସ୍ଥାର ସୁରକ୍ଷା ଅଧିକାରୀ ଜ୍ୟୋତି ରଞ୍ଜନ ମହାନ୍ତି ଦୁର୍ଘଟଣାକୁ ହାଲ୍‌କା ଭାବେ ନେଇ ସେମିତି କିଛି ହୋଇନାହିଁ ବୋଲି କହିଛନ୍ତି। ଏନେଇ ପ୍ରକଳ୍ପର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହିମାଂଶୁ ବେହେରା କହିଛନ୍ତି ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି । ତଦନ୍ତ ପରେ ଯାହାକିଛି ଜଣାପଡିବ ବୋଲି ସେ କହିଛନ୍ତି।



ଦୁର୍ଘଟଣାଗ୍ରସ୍ତ ଆହତ ଠିକା ଶ୍ରମିକ ପ୍ରକାଶ ଖମାରୀ ।

# ସୁନ୍ଦରଗଡ଼ରେ ବନ୍ଦ ପାଳନ: ଜନଜୀବନ ପ୍ରଭାବିତ

**ସୁନ୍ଦରଗଡ଼/ ଲହୁଣୀପଡ଼ା/ ଟେନ୍‌ସା, ୧୫ା୭ (ଡି.ଏନ୍.ଏ)**

ବାମପନ୍ଥୀ ଦଳର ୬ ଘଣ୍ଟିଆ ଓଡିଶା ବନ୍ଦ ଡାକରାର ପ୍ରଭାବ ସୁନ୍ଦରଗଡ ଜିଲାରେ ଦେଖିବାକୁ ମିଳିଥିଲା। ଜିଲା ସଦର ମହକୁମା ସୁନ୍ଦରଗଡରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ନେତୃତ୍ୱରେ ଏହି ବନ୍ଦ ପାଳନକୁ କଂଗ୍ରେସ ଦଳ ସମର୍ଥନ ଜଣାଇଥିଲା। ବାମପନ୍ଥୀଙ୍କ ଏହି ବନ୍ଦ ଡାକରାକୁ ସ୍ୱତଃସ୍ପୂର୍ତ୍ତ ଭାବେ ସମର୍ଥନ ଜଣାଇ ଜିଲାରେ ଯାତ୍ରୀବାହୀ ବସ୍ ଚଳାଚଳ, ବ୍ୟବସାୟିକପ୍ରତିଷ୍ଠାନ, ଦୋକାନ ବଜାର, ପେଟ୍ରୋଲ ପମ୍ପ ଆଦି ଦିନ ୧୨ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଜିଲାର ସୁନ୍ଦରଗଡ, ରାଉରକେଲା, ବଣାଇଁ, କୋଇଡା, ହେମଗିର, ରାଜଗାଙ୍ଗପୁର ସମେତ ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅଶୋକ ଦାଶ, ଜିଲା କଂଗ୍ରେସ କମିଟି କର୍ମକର୍ତ୍ତା କାଳୀପଦ ସାମଲ, ଅଜିତ ପ୍ରସାଦ, ସତ୍ୟନାରାୟଣ ସାହୁ, ଟାଉନ୍ କଂଗ୍ରେସ ସଭାପତି ନେପାଳ ଚନ୍ଦ୍ର ସାହୁ, କଂଗ୍ରେସ ଲିଗାଲ ସେଲ ସଭାପତି ସତ୍ୟଜିତ ପଣ୍ଡା, ଯୁଗଳ କିଶୋର ଠାକୁର, ନୀରଜ ସାମନ୍ତରାୟ, ପ୍ରଣବ ସିଂ, ସତ୍ୟଜିତ ନାଏକ, ମନୋଜ ମହାରଣା, ସୁନ୍ଦରଗଡ ବିଧାନସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପଟ୍ଟନାୟକ, ଛାତ୍ର କଂଗ୍ରେସ ସଭାପତି ଏମ୍‌ଡି ଫୈଜଲ, ରାଜ୍ୟ ସେବାଦଳ ସାଧାରଣ ସମ୍ପାଦକ ମୁନୁ ସରାଫ, ବବଲୁ ବେନିଓାଲ, ପର୍ଶୁରାମ ସରାଫ, ସୁବ୍ରତ ପୁରୋହିତ, ଅଶୋକ ପ୍ରସାଦ, ଶିବ ମୁଣ୍ଡା ପ୍ରମୁଖ ଏହି ପିକେଟିଂରେ ସାମିଲ ହୋଇଥିଲେ। ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ବାଇପାସ ୧୪୩ ନମ୍ବର ଜାତୀୟ ରାଜପଥଠାରେ ସିପିଆଇଏମ ପକ୍ଷରୁ ୬ଘଣ୍ଟିଆ ରାସ୍ତାରୋକୋ କରାଯାଇଥିଲା। ଏହା ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ହୋଇଥିଲା। ଜିଲା ପରିଷଦ ସଭ୍ୟ ଗୋପୀନାଥ ମାହାନ୍ତ, ଲହୁଣୀପଡା ଆଞ୍ଚଳିକ କମିଟି ସମ୍ପାଦକ ଲାଲ ବାହାଦୂର ମାହାନ୍ତ, ଓମନ୍ତ କୁମାର ମାହାନ୍ତ, ଶୁଶିଳା ମୁଣ୍ଡା, ଡିଲେଶ୍ୱର ବେହେରା, ଗଗନ ରାଉତ, ନିରଞ୍ଜନ ଦାସ, ଧନେଶ୍ୱର କିଷାନ, ବାବୁରାମ ମାହାନ୍ତ, ଶାନ୍ତି ନନ୍ଦ ଟିଗା, ପ୍ରଦୀପ ବେହେରା, ଚଳତ ପଣ୍ଡା, ଦୁର୍ଯ୍ୟୋଧନ ମାହାନ୍ତ, ମନୋହର ବୋଦ୍ରା ପ୍ରମୁଖଙ୍କ ସମେତ ଶତାଧିକ ସିପିଆଇଏମ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିଭଳି ରକ୍ସି ଠାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଆନନ୍ଦ ମାସି ହରୋଙ୍କ ନେତୃତ୍ୱରେ ୨୧୫ ନମ୍ବର ଜାତୀୟ ରାଜପଥ ଓ ରେଳରୋକୋ କରାଯାଇଥିଲା। କଲେଇପୋଷ ବହାଡପୋଷି ୧୦(କ) ରାଜ୍ୟ ରାଜପଥ ଖୁଣ୍ଟଗାଁଠାରେ ରାସ୍ତାରୋକୋ କରାଯାଇଥିଲା। ସେହିଭଳି ବରସୁଆଁ ଠାରେ ରାସ୍ତାରୋକୋ କରାଯାଇଥିଲା। କୋଇଡାଠାରେ ବାମଦଳ ଓ ସିଆଇଟିୟୁ ତରଫରୁ ଗୁରୁବାର ୬ ଘଣ୍ଟିଆ ଓଡ଼ିଶା ବନ୍ଦକୁ ସଫଳ କରାଯାଇଛି। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଆକାଶଛୁଆଁ ଦରବୃଦ୍ଧି ଗରିବ ଓ ମଧବିତ୍ତଙ୍କ ଆର୍ଥିକ ମେରୁଦଣ୍ଡ ଉପରେ ଏକ ପ୍ରଚଣ୍ଡ ଆକ୍ରମଣ ବୋଲି ସିପିଆଇଏମ ଜିଲା ସଭ୍ୟ ପ୍ରଭାତ କୁମାର ପଣ୍ଡା କହିଛନ୍ତି। କୋଇଡା ମୁଖ୍ୟ ରାଜରାସ୍ତାକୁ ପଣ୍ଡାଙ୍କ ନେତୃତ୍ୱରେ ଅବରୋଧ କରାଯିବା ସହିତ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିରୋଧରେ ନାରା ଦିଆଯାଇଥିଲା। ଏହି ବନ୍ଦରେ ସିପିଆଏମ କର୍ମୀ ହଳଧର ଦେହୁରୀ, ବାଦଲ ବାରିକ, ଅଶୋକ କୁମାର ସାମଲ, ସନ୍ତୋଷ ବାରିକ, ଘନଶ୍ୟାମ ପାତ୍ର, ହରିଶ ରାୟ, ଲକ୍ଷ୍ମଣ ମହାକୁଡ, ମନୋଜ ପଟ୍ଟନାୟକ, କୁନା ପାତ୍ର, ଗୋପାଳ ନାଏକ, କାଙ୍ଗାଲୁ ବାରିକ, ସାଧୁ, ବାଇଧର ନାଏକ, ନରୋତ୍ତମ ନାଏକ, ତନ କାଲ, ଶ୍ରୀରାମ ମୁଣ୍ଡା, ରଶ୍ମି ନାଏକ, ବସନ୍ତ କୁମାର ବାରିକ, ମଧୁସୂଦନ ମହାକୁଡ, ଉମାକାନ୍ତ ଆପଟ, ଜୋପ ଦାସଙ୍କ ସହିତ ଶତାଧିକ କର୍ମୀ ଯୋଗ ଦେଇଥିଲେ।




ଲହୁଣୀପଡ଼ାରେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଉଛି।

## ରାଉରକେଲାରେ ୬ ଘଣ୍ଟିଆ ବନ୍ଦ ପାଳନ

**ରାଉରକେଲା ଅଫିସ୍, ୧୫ା୭**

ରାଉରକେଲାରେ ସିଆଇଟିୟୁର ରାଷ୍ଟ୍ରୀୟ ଉପାଧକ୍ଷ ବିଷ୍ଣୁ ମିହାନ୍ତି, ବିମାନ ମାଇତି, ଜାହାଙ୍ଗୀର ଅଲି, କଂଗ୍ରେସ ଜିଲା ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ। ସେହିପରି ବସ୍ ଚଳାଚଳ, ପେଟ୍ରୋଲ ପମ୍ପ, ବ୍ୟବସାୟିକ ଅନୁଷ୍ଠାନ, ସରକାରୀ ଅଫିସ ଆଦି ବନ୍ଦ ରହିଥିଲା। ବେଦବ୍ୟାସ ଛକରେ ଜାତୀୟ ରାଜପଥ ଅବରୋଧ କରାଯାଇଥିବାରୁ ଶହ ଶହ ଯାନବାହନ ଅଟକି ରହିଥିଲା।

## କତରକେଲାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା

ଟିଟିଲାଗଡ଼,(ଡି.ଏନ.ଏ.): ଟିଟିଲାଗଡ ବ୍ଲକ କତରକେଲାଠାରେ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ସମ୍ପନ୍ନ ହୋଇଛି। ଶିବ ପ୍ରସାଦ ପରିଡାଙ୍କ ପ୍ରୟାସ ତଥା ସ୍ୱର୍ଗତ ବାଲମକୁନ୍ଦ ଅଗ୍ରୱାଲଙ୍କ ସନ୍ତାନ ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମନ୍ଦିର ପ୍ରତିଷ୍ଠା ହୋଇଛି। ମନ୍ତ୍ରୀ ଟୁକୁନି ସାହୁ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ମନ୍ଦିର ପରିଚାଳନା କମିଟି ସଭାପତି ପିତାମ୍ବର ବେହେରା, ଉପସଭାପତି ହିରଣ୍ୟ ପାତ୍ର, ସମ୍ପାଦକ ବାମ ମହାପାତ୍ର, କୋଷାଧ୍ୟକ୍ଷ ସତ୍ୟବାହାନ ସାହୁ, ସଞ୍ଜିବ ସିଂ ଚୌଧୁରୀ, ତରୁଣସେନ ବେହେରା, ଇଶ୍ୱର ସାହୁ, ପବିତ୍ର ସାହୁ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅବାଧ ଗୋଚାଲାଣ ରୋକିବାକୁ ନେଇ ବୈଠକ

ବିନିକା,୧୫।୭(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହର ପାପକ୍ଷୟ ମଣ୍ଡପରେ ଗୁରୁବାର ବଜରଙ୍ଗ ଦଳ ପକ୍ଷରୁ ଅବାଧ ଗୋଚାଲାଣ ରୋକିବାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭୁବନେଶ୍ୱର ଆଇଆଇଏମ୍ଏସ୍ କଲେଜ ଅଧ୍ୟକ୍ଷ ସଞ୍ଜିତରୋଶନ ପଟ୍ଟନାୟକ ଯୋଗଦେଇ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ପ୍ରାନ୍ତରେ ଦିନକୁ ଦିନ ବଢି ଚାଲିଥିବା ଗୋଚାଲାଣ ଉପରେ ଅଙ୍କୁଶ ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । କୃଷି ପ୍ରଧାନ ସୁବର୍ଣ୍ଣପୁର ଜିଲାରେ ଗୋପାଳନ କରି ଅନେକ ଚାଷୀ ଜୀବିକା ନିର୍ବାହ କରନ୍ତି। ହେଲେ ଅର୍ଥ ଲାଳସା ଦେଖାଇ ଏହି ଅଞ୍ଚଳର ଗୋରୁଙ୍କୁ ଅବାଧରେ ଚାଲାଣ କରାଯାଉ ଥିବାରୁ ଗୋସମ୍ପଦ ୪୦ପ୍ରତିଶତ ହ୍ରାସ ପାଇଛି ଜିଲା ବଜରଙ୍ଗ ଦଳ ଅଧ୍ୟକ୍ଷ ଜିତୁ ବଡମାଳୀ ବୈଠକରେ କହିଥିଲେ। ଗୋଚାଲାଣ ରୋକିବା ଦିଗରେ ବଜରଙ୍ଗ ଦଳ କାମ କରିବ ବୋଲି ବୈଠକରେ ଅକ୍ଷୟ ସାହୁ, ଆର୍ତ୍ତତ୍ରାଣ ପୂଜାରୀ, ମଣ୍ଟୁ ସା, ଅନୀଲ ମହତୋ ପ୍ରମୁଖ କହିଛନ୍ତି।

### ଦୁର୍ଘଟଣାରେ କୃଷି ଶ୍ରମିକ ମୃତ

ବରଗଡ଼ ଅଫିସ୍,୧୫।୭: ବରଗଡ଼ ବ୍ଲକ ଗୋବିନ୍ଦପୁର ଇନ୍ଦିରା କଲୋନୀର ଜଣେ କୃଷି ଶ୍ରମିକ ପାନ ନାଏକ (୬୦) ଗୁରୁବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। କୃଷି ଶ୍ରମିକ ଜଣେ ଚାଷୀଙ୍କ ଜମିରେ ପହ୍ଲା ରୋପଣ କରି ଅନ୍ୟ ସାଥୀଙ୍କ ସହିତ ଫେରୁଥିଲେ। ବାଟରେ ସେମାନେ ଗୋବିନ୍ଦପୁର-ଉଲବା ରାସ୍ତାର ଏକ ଗଛ ଛାଇତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ଜଣେ ବାଇକ୍ ଆରୋହୀ ଦ୍ରୁତଗତିରେ ଆସି ଧକ୍କା ଦେବାରୁ ପାନଙ୍କ ମୃତ୍ୟୁ ହୋଇଛି। ଅନ୍ୟ କୃଷି ଶ୍ରମିକ ମମତା ଦୁଆନ, ଅନସୂୟା ଦୁଆନ, ପୂର୍ଣ୍ଣିମା ଦୁଆନ, ପୁଷ୍ପାଞ୍ଜଳି ଭୁଏ ଆହତ ହୋଇ ଚିକିତ୍ସାଧୀନ ଥିବା ସୂଚନା ମିଳିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ରଖାଯାଇଛି । ସେହିପରି ଆହତଙ୍କୁ ଚିକିତ୍ସା ପାଇଁ ଭିମସାର୍ ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି ।

### ଏସ୍ୟୁସିଆଇ(ସି)ର ବିକ୍ଷୋଭ

ବଲାଙ୍ଗୀର ଅଫିସ,୧୫।୭: ଏସ୍ୟୁସିଆଇ (ସି) ରାଜ୍ୟ କମିଟି ଆହ୍ୱାନକ୍ରମେ ବଲାଙ୍ଗୀର ଶାଖା ତରଫରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୋଭିଡ୍ ମୁକାବିଲାରେ ବିଫଳ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ନିତ୍ୟ ପ୍ରୟୋଜନୀୟ ଜିନିଷପତ୍ରର ଅସ୍ୱାଭାବିକ ମୂଲ୍ୟବୃଦ୍ଧି ବିରୋଧରେ ପ୍ରତିବାଦ କରାଯାଇଥିଲା। ପ୍ରତ୍ୟେକ ପ୍ରୟୋଜନୀୟ ଜିନିଷପତ୍ରର ଅହେତୁକ ଦରବୃଦ୍ଧି ଯୋଗୁଁ ଗରିବ, ନିମ୍ନ ମଧ୍ୟବିତ୍ତଙ୍କ ଅବସ୍ଥା ସଙ୍କଟ ପରିସ୍ଥିତି ଦେଇ ଗତି କରୁଛି । କାମ ନ ପାଇ ଲୋକେ ଚରମ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି । ତେଣୁ ଜନବିରୋଧୀ କେନ୍ଦ୍ର ଓ ରାଜ୍ୟ ସରକାର ବିରୋଧରେ ଜନସାଧାରଣ ପ୍ରତିବାଦ ପାଇଁ ଆଗେଇ ଆସିବାକୁ ଜିଲା ସାଙ୍ଗଠନିକ ସମ୍ପାଦକ ସୁନୀଲ ଭୋଇ କହିଥିଲେ। ପ୍ରତିବାଦ ସଭାରେ ରାଜେନ୍ଦ୍ର ରଣା, ଯୁଗେଶ୍ୱର ରଣା, ମମତା ନାଏକ, ଗୌରୀ ରାଉତ ସାମିଲ ହୋଇଥିଲେ ।

### ଓଡ଼ିଶା ଅମଲା ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭବାନୀପାଟଣା,୧୫।୭ (ଡି.ଏନ.ଏ.): ଓଡ଼ିଶା ଅମଲା ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରାଜ୍ୟ ସଭାପତି ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ କୋଭିଡ୍ କଟକଣାରେ ଭାର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଅଧ୍ୟକ୍ଷ ଅସିତ କୁମାର ଶ୍ୱାଇଁ, କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ତରାଶିଆ, ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ, ମୁଖ୍ୟ ଉପଦେଷ୍ଟା ସୁଦାମ ପାଣିଗ୍ରାହୀ, ସଙ୍ଗଠନ ସମ୍ପାଦକ ଜ୍ଞାନରଞ୍ଜନ ଦାସ, କୋଷାଧ୍ୟକ୍ଷ କିରଣ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସଂଘର ବିଭିନ୍ନ ଦାବି ଓ ସାଙ୍ଗଠନିକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଜିଲାସ୍ତରୀୟ ଅମଲାମାନଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା, ସ୍ନାତକ ବିଜ୍ଞପ୍ତି ପ୍ରକାଶ ପାଇବା ଇତି ମଧ୍ୟରେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ସ୍ନାତକ ଭାବେ ଦରମା ପ୍ରଦାନ କରା ନ ଯିବା ଫଳରେ ଜିଲାସ୍ତରୀୟ ଅମଲାମାନଙ୍କ ମଧ୍ୟରେ ଘୋର ନୈରାଶ୍ୟ ଭାବ ଦେଖାଦେଇଛି। ବୈଠକରେ ସଂଘର ସମସ୍ତ ରାଜ୍ୟ କର୍ମକର୍ତ୍ତା, ସମସ୍ତ ଜିଲା ସମ୍ପାଦକ ଆଲୋଚନାରେ ଭାଗ ନେଇଥିଲେ।

# ଅଲଟ୍ରାସାଉଣ୍ଡ ପାଇଁ ରାତିରୁ ଲାଇନ

ବଲାଙ୍ଗୀର ଅଫିସ,୧୫।୭

**ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ**
- ଦେଖିହେଉନି ରୋଗୀ, ରୋଗୀ ପରିଜନଙ୍କ ଦୁଃଖ
- ଗୋଟିଏ ଦିନରେ ମାତ୍ର ୩୦ ରୋଗୀଙ୍କ ଅଲଟ୍ରାସାଉଣ୍ଡ

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଅଲଟ୍ରାସାଉଣ୍ଡ ବିଭାଗରେ ରୋଗୀ ଓ ରୋଗୀ ପରିଜନଙ୍କ ଦୁଃଖ ଦେଖି ହେଉନାହିଁ। ଅଲଟ୍ରାସାଉଣ୍ଡ କରିବା ପାଇଁ ରୋଗୀ ଓ ରୋଗୀ ପରିଜନ ରାତି ଦୁଇଟାରୁ ଅଲଟ୍ରାସାଉଣ୍ଡ ବିଭାଗ ସମ୍ମୁଖରେ ଲାଇନ୍ ଲଗାଇ ଠିଆ ହେଉଛନ୍ତି। ସକାଳ ପ୍ରାୟ ସାଢ଼େ ୯ଟା ପରେ ଯାଇ ବିଭାଗ ଖୋଲୁଛି। ଦୀର୍ଘ ୭ ଘଣ୍ଟା ଧରି ରୋଗୀ ପରିଜନମାନେ ସେଠାରେ ଠିଆ ହେଉଥିଲେ ମଧ୍ୟ ସେମାନଙ୍କ ପରୀକ୍ଷା ହୋଇପାରୁନାହିଁ। ପରିସ୍ଥିତି ଏଭଳି ସାଂଘାତିକ ହୋଇଛି ଯେ, ଗୋଟିଏ ଗୋଟିଏ ରୋଗୀଙ୍କ ପାଇଁ ୫/୬ ଦିନ ଅପେକ୍ଷା କଲା ପରେ ମଧ୍ୟ ପରୀକ୍ଷା ହୋଇପାରୁନାହିଁ। ଡାକ୍ତର ଅଭାବ ଯୋଗୁ ଏହି ହସ୍ପିଟାଲରେ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଦେଖାଦେଇଛି। ଏହି ସମସ୍ୟା ନେଇ ଗଣମାଧ୍ୟମରେ ବିସ୍ତୃତ ଖବର ପରିବେଷଣ କରାଯାଇଥିଲା। ଏହାପରେ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ମହେନ୍ଦ୍ର କୁମାର ନାୟକ ହସ୍ପିଟାଲରେ ରୋଗୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବା ଏବଂ ବିଭାଗରେ ଜଣେ ମାତ୍ର ଡାକ୍ତର ରହିଥିବାରୁ ଏଭଳି ସମସ୍ୟା ଦେଖାଦେଉଥିବା କହିଥିଲେ।



ଅଲଟ୍ରାସାଉଣ୍ଡ ପାଇଁ ରୋଗୀ, ପରିଜନ ଲମ୍ବା ଲାଇନରେ ବସିଛନ୍ତି।

ପୂର୍ବରୁ ଦୈନିକ ୪୦ ରୋଗୀଙ୍କ ଅଲଟ୍ରାସାଉଣ୍ଡ କରାଯାଉଥିଲା। ଏବେ ମାତ୍ର ୩୦ରୋଗୀଙ୍କ ଅଲଟ୍ରାସାଉଣ୍ଡ କରାଯାଉଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। ବୁଧବାର ହସ୍ପିଟାଲ ପରିସରସ୍ଥ ରେଡିଓଲୋଜି ବିଭାଗର ଅଲଟ୍ରାସାଉଣ୍ଡ ବିଭାଗ ସମ୍ମୁଖରେ ରାତି ୨ଟାରୁ ରୋଗୀ ଓ ପରିଜନମାନେ ପରୀକ୍ଷା ପାଇଁ ଅପେକ୍ଷାରତ ଥିବା କହିଥିଲେ। ସୁବର୍ଣ୍ଣପୁର ଜିଲା ତରଭା ଅଞ୍ଚଳର ଚନ୍ଦ୍ରକାନ୍ତି ସାହୁଙ୍କୁ ଡାକ୍ତର ଅଲଟ୍ରାସାଉଣ୍ଡ କରିବାକୁ କହିଥିଲେ। ଗତ ୧୧ ତାରିଖରୁ ସେ ଭର୍ତ୍ତି ହୋଇଥିଲେ ମଧ୍ୟ ବୁଧବାର ଯାଏ ସେ ଲାଇନ୍ ଲଗାଇଥିଲେ ମଧ୍ୟ ଅଲଟ୍ରାସାଉଣ୍ଡ ପରୀକ୍ଷା ହୋଇନାହିଁ ବୋଲି କହିଛନ୍ତି। ସେହିପରି ସଇଁତଲା ବ୍ଲକ୍ ସିଲେଟପଡାର ଭୁମରାଜ ସାହୁ ୧୨ ତାରିଖରୁ ଆସିଥିଲେ ବି ତାଙ୍କର ପରୀକ୍ଷା ହୋଇପାରିନାହିଁ। ବଲାଙ୍ଗୀର ପ୍ୟାଲେସ ଲାଇନ୍‌ର ସୟଦ ମହମ୍ମଦ କହିଛନ୍ତି ଯେ, ରାତି ୩ଟାରୁ ସେ ଧାଡିରେ ଠିଆହୋଇ ରହିଛନ୍ତି। ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ବୁରୋମୁଣ୍ଡା ଗ୍ରାମର ସଂଯୁକ୍ତା ପ୍ରଧାନ ଗତ ୧୦ ତାରିଖରୁ ଆସି ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ ଅପେକ୍ଷାରତ ଅଛନ୍ତି। ବୌଦ୍ଧ ଜିଲା କପାସିରା ଗ୍ରାମର ପୁରନ୍ଦର ସାହୁ ୩ ଦିନ ହେଲା ଆସିଥିଲେ ମଧ୍ୟ ପରୀକ୍ଷା ହୋଇପାରୁନାହିଁ। ଘରୋଇ ଅଲଟ୍ରାସାଉଣ୍ଡ ରିପୋର୍ଟକୁ ସରକାରୀ ହସ୍ପିଟାଲରେ ଗ୍ରହଣ କରାଯାଉ ନ ଥିବାରୁ ରୋଗୀମାନେ କଷ୍ଟ ଭୋଗି ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ଅନେକ ସମୟରେ ସେଠାରେ ପରସ୍ପର ମଧ୍ୟରେ ଯୁକ୍ତିତର୍କ ଓ ମାରପିଟ ଭଳି ପରିସ୍ଥିତି ଉପୁଜୁଛି। ଏଭଳି କ୍ଷେତ୍ରରେ ଅଧିକ ଡାକ୍ତର ନିଯୁକ୍ତି କରାଯିବା ହିଁ ଏକମାତ୍ର ବିକଳ୍ପ ବୋଲି ରୋଗୀ ତଥା ପରିଜନମାନେ କହିଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ଠିକ୍ ସମୟରେ ପରୀକ୍ଷା କରି ନ ପାରି ବହୁ କଷ୍ଟ ଭୋଗୁଛନ୍ତି। ଏ ନେଇ ହସ୍‌ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ମହେନ୍ଦ୍ର କୁମାର ନାୟକଙ୍କୁ ପଚରାଯିବାରୁ ଆଉ ଜଣେ ଡାକ୍ତର ଏହି ବିଭାଗରେ ଯୋଗ ଦେବାର ରହିଛି। ଏହାପରେ ଏହି ସମସ୍ୟା ସମାଧାନ ହେବ ବୋଲି ସେ କହିଛନ୍ତି।

# ଯନ୍ତ୍ରଣାରେ ଛଟପଟ ୯ବର୍ଷର ବାଳିକା

କର୍ଲାମୁଣ୍ଡା, ୧୫।୭ (ଡି.ଏନ.ଏ.)



ମନୀଷା ସୁନା।

**ହାର୍ଟ ଅପରେଶନ ପରେ ବି ସୁଧୁରୁନି ସ୍ୱାସ୍ଥ୍ୟାବସ୍ଥା**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଭାଲୁପିଆ ବୁଢ଼ୀମୁଣ୍ଡାର ପପୁ ସୁନା (୩୫)। ସ୍ତ୍ରୀ ଆନନ୍ଦିନୀ (୩୩), ପୁଅ ଶିବା (୧୨), ଝିଅ ତୁଳସୀ (୧୦) ଓ ମନୀଷା (୯)ଙ୍କୁ ନେଇ ତାଙ୍କ ପରିବାର। ସବୁକିଛି ଠିକ୍‌ଠାକ ଚାଲିଥିବା ବେଳେ ୨୦୧୫ରେ ପପୁଙ୍କ ୩ବର୍ଷର ସାନ ଝିଅ ମନୀଷାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିଗଲା। ପରୀକ୍ଷା ପରେ ଛାତି(ହାର୍ଟ) ସମସ୍ୟା ଥିବା ଜଣାପଡିଲା। ଭବାନୀପାଟଣା, ବଲାଙ୍ଗୀର ଓ ବୁର୍ଲା ନେଇ ଚିକିତ୍ସା କରିଥିଲେ ହେଁ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଲା ନାହିଁ। ଶେଷରେ ଅସ୍ତ୍ରୋପଚାର ହେବ ବୋଲି ଡାକ୍ତର କହିଲେ। ମୂଲ ମଜୁରି ଲାଗି ପାଞ୍ଚପ୍ରାଣୀ କୁଟୁମ୍ବ ପ୍ରତିପୋଷଣ କରୁଥିବା ପପୁଙ୍କ ପଦତଳୁ ମାଟି ଖସି ଗଲା ଯେମିତି। ଝିଅର ଚିକିତ୍ସା ଖର୍ଚ୍ଚ କେମିତି କରିବେ ଚିନ୍ତାରେ ପଡିଲେ। ୨୦୧୯ ଫେବୃୟାରୀ ୨୧ରେ ସତ୍ୟସାଇ ହାର୍ଟ ହସ୍ପିଟାଲ ରାଜକୋଟକୁ ନେଇ ଝିଅର ହାର୍ଟର ଅସ୍ତ୍ରୋପଚାର କରାଇଲେ। ଅସ୍ତ୍ରୋପଚାର ପରେ ୬ ମାସ ଠିକ୍ ଚାଲିଥିଲା। ହଠାତ୍ ପୁଣି ଅସୁସ୍ଥ ହୋଇଗଲେ ମନୀଷା। ଏବେ ତାଙ୍କ ହାର୍ଟ ନିକଟରେ ଘା ସୃଷ୍ଟି ହୋଇ ସ୍ୱାସ୍ଥ୍ୟ ସମସ୍ୟା ବଢିବାରେ ଲାଗିଛି। ନଅବର୍ଷର ହୋଇଥିଲେ ବି ପାଠପଢ଼ା ଆରମ୍ଭ କରି ପାରିନାହିଁ ମନୀଷା। ଅପରପକ୍ଷରେ ଝିଅର ଚିକିତ୍ସାରେ ଅଦ୍ୟାବଧି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ଦେବାଳିଆ ହୋଇଯାଇଛନ୍ତି ପପୁ। ଏବେ ଝିଅର ଚିକିତ୍ସା ପାଇଁ କିଛି ବି ନାହିଁ। ଏବେ ସରକାରୀ ସହାୟତା ପାଇଁ ଆକୁଳ ନିବେଦନ କରିଛନ୍ତି ପପୁ ସୁନାଙ୍କ ପରିବାର। ଏ ନେଇ କର୍ଲାମୁଣ୍ଡା ଗୋଡାକ୍ତରଖାନାର ଭ୍ରାମ୍ୟମାଣ ଚିକିତ୍ସାଧିକାରୀ ଡା ଶିକ୍ଷିଧ୍ୱଜ ପଟେଲଙ୍କୁ ପଚାରିବାରୁ ଶୁକ୍ରବାର ମନୀଷାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପାଖକୁ ନେଇ ରାଷ୍ଟ୍ରୀୟ ବାଳ ବିକାଶ ଯୋଜନାରେ ଚିକିତ୍ସା କରିବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ନିୟମିତ ଅସ୍ତ୍ରୋପଚାର ଆରମ୍ଭ ଉପରେ ଗୁରୁତ୍ୱ



ବିଧାୟକ ନରସିଂହ ମିଶ୍ର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ବଲାଙ୍ଗୀର ଅଫିସ, ୧୫।୭

- ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ଅଧିକାରୀଙ୍କ ସହ ବିଧାୟକଙ୍କ ଆଲୋଚନା
- ଷ୍ଟାଫ୍‌ନର୍ସ ପଦବୀ ପୂରଣ ଦିଗରେ ଶୀଘ୍ର ପଦକ୍ଷେପ ନିଆଯିବ

କୋଭିଡ୍ ସଂକ୍ରମଣ କାରଣରୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ସାମୟିକ ଭାବେ ରୋଗୀଙ୍କ ଅସ୍ତ୍ରୋପଚାର ବନ୍ଦ କରାଯାଇଥିଲା। ଫଳରେ ଅସ୍ତ୍ରୋପଚାର କରି ନ ପାରି ବହୁ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ଆଉ ବିଳମ୍ବ ନ କରି ଯଥାଶୀଘ୍ର ଅସ୍ତ୍ରୋପଚାର ଆରମ୍ଭ କରିବାକୁ ବିଧାୟକ ନରସିଂହ ମିଶ୍ର ମେଡିକାଲ କଲେଜ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଗୁରୁବାର ଅନୁଷ୍ଠିତ ଆଲୋଚନା ବୈଠକରେ କହିଛନ୍ତି।

ହସ୍ପିଟାଲ ପରିସରରେ ବିଭିନ୍ନ ସମସ୍ୟାକୁ ନେଇ ବିଧାୟକ ମିଶ୍ର ମେଡିକାଲ କଲେଜ ଏବଂ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କରୋନା ସଂକ୍ରମଣ କିଛିମାତ୍ରାରେ କମିବା ପରେ ଡାକ୍ତରଖାନାରେ ନିୟମିତ ଚିକିତ୍ସା କିଭଳି ଚାଲିଛି ସେନେଇ ଆଲୋଚନା କରିବାକୁ ବୈଠକ କରାଯାଇଥିଲା। ମେଡିକାଲ କଲେଜ ଅଧ୍ୟକ୍ଷ ଏବଂ ଡିନ୍ ଡା. ସବିତା ମହାପାତ୍ର, ଅଧୀକ୍ଷକ ଡା. ମହେନ୍ଦ୍ର କୁମାର ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭୀମ ସାହୁ, ଏଡିଏମ୍ଓ ଡା. ପ୍ରଭାତ ରଥଙ୍କ ସହ ବିଧାୟକ ମିଶ୍ର ଆଲୋଚନା କରିଥିଲେ। କୋଭିଡ୍ ସଂକ୍ରମଣ ହ୍ରାସ ପାଇଥିବାରୁ ବିଭିନ୍ନ ବିଭାଗର ସାମୟିକ ବନ୍ଦ ଥିବା ଅସ୍ତ୍ରୋପଚାର ଶୀଘ୍ର ଆରମ୍ଭ କରିବା ପାଇଁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ମେଡିକାଲ କଲେଜ ଡାକ୍ତରଖାନାରେ ଷ୍ଟାଫ୍‌ନର୍ସ ମାନଙ୍କ ଅଭାବ ଯୋଗୁ ଚିକିତ୍ସା ସେବାରେ ଅସୁବିଧା ସୃଷ୍ଟି ହେଉଛି ବୋଲି ଡିନ୍ ଡା. ମହାପାତ୍ର ସୂଚନା ଦେଇଥିଲେ। ୨୫୬ ଜଣ ଷ୍ଟାଫ୍‌ନର୍ସଙ୍କ ସ୍ଥାନରେ ଏବେ ୧୩୭ ପଦବୀ ପୂରଣ ହେବାକୁ ଯାଉଛି। ଆବଶ୍ୟକ ଷ୍ଟାଫ୍‌ନର୍ସ ପଦବୀ ପୂରଣ ହେଲେ ଡାକ୍ତରଖାନାରେ ଥିବା ବିଭିନ୍ନ ବିଭାଗର ଆଇସିୟୁ, ଅପରେଶନ ଗୃହ ଠିକ୍ ହିସାବରେ ଚାଲିପାରିବ ବୋଲି ଅଧୀକ୍ଷକ ଡା. ନାୟକ ସୂଚନା ଦେଇଥିଲେ। ଡାକ୍ତରଖାନାରେ ଚିକିତ୍ସା ପାଇଁ ଆବଶ୍ୟକ ବିଭିନ୍ନ ଉପକରଣ, ଡାକ୍ତର କର୍ମଚାରୀ ତଥା ଅନ୍ୟାନ୍ୟ ସମସ୍ୟା ଉପରେ ଏକ ସବିଶେଷ ରିପୋର୍ଟ ଦେବା ପାଇଁ ବିଧାୟକ ମିଶ୍ର ଡାକ୍ତରଖାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନା ସମୟରେ ମେଡିକାଲ କଲେଜ ହସ୍ପିଟାଲର ନୂତନ କୋଠା ନିର୍ମାଣ, ମେଡିକାଲ କଲେଜ ପରିସରରେ ଆଇନ ଶୃଙ୍ଖଳା ପରିସ୍ଥିତି, ବେଆଇନ ଦୋକାନ ଗୃହ ନିର୍ମାଣ ତଥା ଡାକ୍ତରୀ ଛାତ୍ରମାନଙ୍କ ପାଇଁ କ୍ରୀଡ଼ା ଭିତ୍ତିଭୂମି ବିକାଶ ବିଷୟରେ ଆଲୋଚନା ହୋଇଥିଲା।

# ପ୍ରଶାସନର ଚଢ଼ାଉ: ୬ ଲକ୍ଷ ଜରିମାନା

ବୌଦ୍ଧ,୧୫।୭(ସ୍ୱ.ପ୍ର.)

ଗୁରୁବାର ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣରେ ମହଜୁଦ ରଖାଯାଇଥିବା ବାଲି ଜବତ କରାଯାଇଛି। ବାଲି ଗଚ୍ଛିତ ରଖିବା ଅଭିଯୋଗରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ୬ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ବୌଦ୍ଧ ସହରରେ ଗଡଖାଇ (ଜରିଖଣ୍ଡି) କାର୍ଯ୍ୟର ତଦାରଖ ପାଇଁ ପୂର୍ବାହ୍ନରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଉପଜିଲାପାଳ ଅଶ୍ୱିନୀ କୁମାର ମେହେର ଓ ଅନ୍ୟ ଅଧିକାରୀ ରାଜବାଟୀ ନିକଟକୁ ଯାଇଥିଲେ । ଏହି ସମୟରେ ଭୈରବୀ ମନ୍ଦିର ପଛ ପାର୍ଶ୍ୱରେ ଶହ ଶହ ଟ୍ରିପ ବାଲି ଗଦା ହୋଇଥିବା ଜିଲାପାଳଙ୍କ ନଜରକୁ ଆସିଥିଲା । ସରକାରୀ ଓ ସର୍ବସାଧାରଣ ସ୍ଥାନରେ ଏତେ ପରିମାଣର ବାଲି ରଖାଯାଇଥିବାରୁ ତାହା ଜବତ କରିବାକୁ ଜିଲାପାଳ ମିଶ୍ର ଉପଜିଲାପାଳଙ୍କୁ କହିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ତହସିଲଦାର ଓ କର୍ମଚାରୀ ବାଲି ଜବତ କରି ଜମାକାରୀଙ୍କୁ ଜରିମାନା କରିଛନ୍ତି । ଜବତ ବାଲିର ପରିମାଣ ଆନୁମାନିକ ୪ ଶହ ଟ୍ରିପ ହେବ ବୋଲି ସୂଚନା ମିଳିଛି । ଏହି ଘଟଣା ପରେ ଅତିରିକ୍ତ ଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକଙ୍କ ତତ୍ତ୍ୱାବଧାନରେ ସହରର ଲିପ୍‌ସା ଛକ ଓ ବ୍ରିଜ ଛକ ନିକଟରେ ବେଆଇନ ଭାବେ ରଖାଯାଇଥିବା ବାଲି ଗଦା ଉପରେ ଚଢାଉ କରାଯାଇଥିଲା। ହରଭଙ୍ଗା ବ୍ଲକର ୩ ଗୋଟି ସ୍ଥାନରେ ମଧ୍ୟ ଚଢାଉ କରାଯାଇଥିବା ଅତିରିକ୍ତ ଜିଲାପାଳ ନାଏକ ସୂଚନା ଦେଇଛନ୍ତି ।

# ଓଡ଼ିଶା ବନ୍ଦ ପ୍ରଭାବଶୂନ୍ୟ

ସୋନପୁର/,୧୫।୭(ନି.ପ୍ର.)

ଓଡିଶା ବନ୍ଦର କୌଣସି ବିଶେଷ ଅନୁଭୂତ ହୋଇନି। ସୋନପୁର ସମେତ ବୀରମହାରାଜପୁର, ବିନିକା, ଡୁଙ୍ଗୁରିପାଲି, ଉଲୁଣ୍ଡା ଓ ବିନିକାରେ ଦୋକାନ, ବଜାର, ବ୍ୟାଙ୍କ, ପୋଷ୍ଟ ଅଫିସ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଖୋଲାଥିଲା। ଅତ୍ୟାବଶ୍ୟକ ସାମଗ୍ରୀ, ଇନ୍ଧନ ଗ୍ୟାସ ଓ ତୈଳ ଦର ବୃଦ୍ଧି ପ୍ରତିବାଦରେ ବାମପନ୍ଥୀ ଦଳଗୁଡିକ ଓଡିଶା ବନ୍ଦ ଡାକରା ଦେଇଥିଲେ। ବନ୍ଦକୁ କଂଗ୍ରେସ ସମେତ ସମାଜବାଦୀ ପାର୍ଟି ରାଜ୍ୟ ଶାଖା ସମର୍ଥନ ଜଣାଇଥିଲେ। ସକାଳ ୬ଟାରୁ ୧୨ଟା ପର୍ଯ୍ୟନ୍ତ ୬ ଘଣ୍ଟା ବନ୍ଦ ଡାକରା ଦିଆଯାଇଥିଲା। ମଧ୍ୟାହ୍ନରେ ଏସୟୁସିଆଇ କମ୍ୟୁନିଷ୍ଟ ସୁବର୍ଣ୍ଣପୁର ଜିଲା କମିଟି ଓ ଜିଲା ଟ୍ରେଡ ୟୁନିୟନ ସମନ୍ୱୟ ସମିତି ପକ୍ଷରୁ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

**ବଲାଙ୍ଗୀର,ନର୍ଲା:ଆଂଶିକ ପ୍ରଭାବ**

ବଲାଙ୍ଗୀର ଅଫିସ/ଦେଓଗାଁ/ ଲୋଇସିଂହା/ ଭବାନୀପାଟଣା (ଡି.ଏନ.ଏ.)

ବଲାଙ୍ଗୀର ସହରରେ ଦୋକାନ ବଜାର ଖୋଲାଥିଲା। ତେବେ ବନ୍ଦ ପାଳନ ଚର୍ଚ୍ଚା ଯୋଗୁଁ ଡେଲିମାର୍କେଟରେ କମ୍ ଭିଡ ପରିଲକ୍ଷିତ ହୋଇଥିଲା। ବରଗଡ-ବୋରିଗୁମ୍ମା ୨୬ନଂ ଜାତୀୟ ରାଜପଥକୁ ଦେଓଗାଁ କଲେଜ ଛକରେ ଅବରୋଧ କରାଯାଇଥିଲା। ବ୍ଲକ କଂଗ୍ରେସ ସମର୍ଥନରେ ଆନ୍ଦୋଳନକାରୀ ପିକେଟିଂ କରି ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ । ଦୋକାନ ବଜାର ଖୋଲା ରହିଥିଲା । ବନ୍ଦରେ ଯୁବନେତା ବିଶ୍ୱଜିତ ପାତ୍ର, ପ୍ରେମାନନ୍ଦ ଭୋଇ, ପୁରନ୍ଦର ଭୋଇ, କୃଷ୍ଣଚନ୍ଦ୍ର ସାହୁ, ପ୍ରଦ୍ୟୁମ୍ନ କିଶୋର ସାହ ଉପସ୍ଥିତ ଥିଲେ। ଲୋଇସିଂହାରେ ବନ୍ଦ ପ୍ରଭାବଶୂନ୍ୟ ଦେଖିବାକୁ ମିଳିଥିଲା। ସମସ୍ତ ସରକାରୀ ଅନୁଷ୍ଠାନ ବନ୍ଦ ଥିବାବେଳେ ଦୋକାନ ବଜାର ଖୋଲା ରହିଥିଲା । ସେହିପରି କଳାହାଣ୍ଡି ଜିଲା ନର୍ଲାରେ ବନ୍ଦର ଆଂଶିକ ପ୍ରଭାବ ପଡ଼ିଛି। ସିପିଆଇ(ଏମଏଲ) ଜିଲା ସମ୍ପାଦକ କମ୍ରେଡ କେଶବ ପ୍ରଧାନଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପହଞ୍ଚି ଅଫିସ ବନ୍ଦ କରାଇଥିଲେ। ଦୟା ସାଗର ନାଏକ, ଯୁଧିଷ୍ଠିର ସା, ବଳମ ଧରୁଆ, ପଦମନ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

**ଦୋକାନ ବଜାର ଖୋଲା, ସରକାରୀ କାର୍ଯ୍ୟାଳୟ ବନ୍ଦ**

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧରେ ବନ୍ଦ ପ୍ରଭାବ ପଡିଛି। ସିପିଆଇ ନେତା ଅବକାଶ ସାହୁଙ୍କ ନେତୃତ୍ୱରେ କର୍ମୀମାନେ ହରଭଙ୍ଗା ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନଏସି ଛକରେ ବିକ୍ଷୋଭ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପିକେଟିଂ କରିଥିଲେ। ସହରର ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଡାକଘର ବନ୍ଦଥିଲା। ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀ ବୌଦ୍ଧ ମହାନଦୀ ବ୍ରିଜ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ଆଞ୍ଚଳିକ କୈବର୍ତ୍ତ ସମାଜର ଘାଟପୂଜା

ଦେଓଗାଁ,୧୫।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ନିକଟ ସୋନଗଡ ନଦୀକୂଳସ୍ଥିତ ପୀଠରେ ଘଣ୍ଟମାଲ ଆଞ୍ଚଳିକ କୈବର୍ତ୍ତ ସମାଜର ଘାଟପୂଜା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଘଣ୍ଟମାଲ ଆଞ୍ଚଳିକ କୈବର୍ତ୍ତ ସଂଘ ସଭାପତି ଭାସ୍କର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜନୋତ୍ସବ ପ୍ରାରମ୍ଭରେ ସୋନଗଡ ନଦୀକୂଳସ୍ଥିତ ପୀଠରେ ସୁରେଶ୍ୱରୀ ମନଖାଇ ଦେବୀଙ୍କୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମୁଖ୍ୟ ଦେହୁରୀଙ୍କ ଶରୀରରେ ଦେବୀ ଉପବେଶନ ହୋଇ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ଗୁହାରି ଶୁଣିଥିଲେ। ଏହି ଅବସରରେ ଦେବୀ ମାଁଙ୍କ ଉଦ୍ଦେଶ୍ୟରେ ବୋଦା ବଳି ଅର୍ପଣ କରାଯାଇଥିଲା। ସଂଘ ସମ୍ପାଦକ ସୁଶାନ୍ତ କୁମାର ବୁଡେକଙ୍କ ପରିଚାଳନା ତଥା ଜିଲା ସଭାପତି ନରସିଂହ ଦଣ୍ଡସେନାଙ୍କ ସଭାପତିତ୍ୱରେ ଜାତିଭାଇଙ୍କ ମଧ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତିର ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଜିଲା ସଭାପତି ନରସିଂହ ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ଆମ୍ବ, ପଣସ, ଆତ, ମାୟା, ଜାମୁନ, ଅଁଳା ଆଦି ଫଳବୃକ୍ଷ ରୋପଣ କରାଯାଇଥିଲା।



ଜରାସିଂହା ସୋନଗଡ଼ ନଦୀପଠାରେ ଆଞ୍ଚଳିକ କୈବର୍ତ୍ତ ସମାଜର ପୂଜାର୍ଚ୍ଚନା କରାଯାଉଛି।

# ଅନୁଦାନର ସୁବିନିଯୋଗ କର

ସୋନପୁର,୧୫।୭(ନି.ପ୍ର.)



ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

- ଡବ୍ଲ୍ୟୁଓଡିସି ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ସୁବର୍ଣ୍ଣପୁର ଗସ୍ତ
- ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ ସହ ସମୀକ୍ଷା କଲେ
- ୟୁସି ପ୍ରଦାନ ଉପରେ ବି ଗୁରୁତ୍ୱାରୋପ

ପଶ୍ଚିମ ଓଡିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରେମଚନ୍ଦ୍ର ଚୌଧୁରୀ ଗୁରୁବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ପରିଷଦ ଅନୁଦାନରେ ନିର୍ମାଣ କରାଯାଉଥିବା ବିଭିନ୍ନ ପ୍ରକଳ୍ପର ପରିଦର୍ଶନ କରିଥିଲେ। ପ୍ରଥମେ ସୋନପୁର ବ୍ଲକ ପିପିଲିପାଲିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ଲକର୍ମା ଗାଁରେ ଛେଳି ଫାର୍ମ, ଲେମନ ଗ୍ରାସ୍ ଚାଷ ଓ ତେଲ ପ୍ରକ୍ରିୟାକରଣ ବୁଲି ଦେଖିବା ସହ ଚୌଧୁରୀ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ସୋନପୁର ପଲିଟେକ୍‌ନିକ୍ ପରିଦର୍ଶନ କରି ସେଠାରେ ଅଧ୍ୟାପିକା, ଅଧ୍ୟାପକଙ୍କ ସହ ଆଲୋଚନା କରିବା ସହ ଶିକ୍ଷାଦାନର ବ୍ୟବସ୍ଥା, ବିଭିନ୍ନ ଟ୍ରେଡ୍ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ କଳାପଥରସ୍ଥିତ ସମନ୍ୱିତ ମାଛ ଚାଷ, ସାମ୍ବାଦିକ ଭବନ, ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ କାର୍ଯ୍ୟାଳୟ ପରିଦର୍ଶନ କରି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। କ୍ଷେତ୍ର ପରିଦର୍ଶନ ପରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ଅନୁଦାନର ସୁବିନିଯୋଗ ଓ ୟୁସି ପ୍ରଦାନ ଉପରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଗୁରୁତ୍ୱ ଦେଇଥିଲେ। ଜିଲାରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ, ପ୍ରାଣୀ ସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା ଓ ଅଣଧାନ ଚାଷ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲାପାଳ ଅବୋଲି ସୁନିଲ ନରୱଣେ, ପିଡି ଡିଆରଡିଏ ଡୋଲାମଣି ପଟେଲ, ଉପନିର୍ଦ୍ଦେଶକ ଜିଲା ଯୋଜନା ଓ ପରିସଂଖ୍ୟାନ ସୁକାନ୍ତ କୁମାର ଜେନା ଓ ବିଭିନ୍ନ ଜିଲାସ୍ତରୀୟ ବିଭାଗୀୟ ଉପସ୍ଥିତ ଥିଲେ। ଅପରାହ୍ନରେ ଚୌଧୁରୀ ପାତାଳି ଶ୍ରୀକ୍ଷେତ୍ର ପରିଦର୍ଶନ କରି ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ। ରୋପୱେ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ବିଷୟରେ ଅବଗତ ହେବା ସହ କାମ ତ୍ୱରାନ୍ୱିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳ ନରୱଣେଙ୍କ ସମେତ ଉଲୁଣ୍ଡା ବିଡିଓ ହେମସାଗର ଭୋଇ, ପୀଠର ଟ୍ରଷ୍ଟି ଉତ୍ତର କୁମାର ପାତ୍ର, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ମହାଦେବ ସାହୁ ଓ ଜଗଦୀଶ କର୍ଣ୍ଣ ଉପସ୍ଥିତ ଥିଲେ।

**ମୃତକ ପରିବାରଙ୍କୁ ସହାୟତା ପ୍ରଦାନ**

ନୂଆପଡ଼ା ଅଫିସ: ନୂଆପଡ଼ା ଜିଲା କୋମନା ବ୍ଲକ ଜଡାମୁଣ୍ଡା ଛକଠାରେ ଗତ ସୋମବାର ବୋଲେରୋ ଓ ବାଇକ୍ ଧକ୍କାରେ ପଲସିପାଣି ପଞ୍ଚାୟତ ସାଲେପଡା ଗାଁର ୨ ଭାଇ ଲୋକନାଥ ଶବର (୫୦) ଓ ଟିମନ ଶବର (୪୫) ମୃତ୍ୟୁ ଘଟିଥିଲା। ଏହି ମୃତକଙ୍କ ପରିବାରକୁ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ଯାଇ ସାକ୍ଷାତ କରି ସମବେଦନା ଜଣାଇବା ସହିତ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା, ରସିକଲାଲ କାଞ୍ଚନବେନ ଟ୍ରଷ୍ଟ ପକ୍ଷରୁ ୫ ହଜାର ଟଙ୍କା ଓ ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ ପକ୍ଷରୁ ୨ ହାଜର ଟଙ୍କା ସହାୟତା ପ୍ରଦାନ କରାଯାଇଛି।



## ସଂକ୍ଷେପରେ

### ଚାରା ରୋପଣ କାର୍ଯ୍ୟକ୍ରମ



**ବେହେରା,୧୫।୭(ଡି.ଏନ.ଏ.):** ନେହେରୁ ଯୁବ କେନ୍ଦ୍ର କଳହାଣ୍ଡି ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ମହାକାଳେଶ୍ୱର ସାଂସ୍କୃତିକ ଅନୁଷ୍ଠାନ, ଖୁଟୁଲୁଗୁଡା ଖେଳ ପଡିଆଠାରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମକୁ ନେହେରୁ ଯୁବ କେନ୍ଦ୍ର ଜାତୀୟ ଯୁବ ସାମାଜିକ କର୍ମୀ ମହେଶ୍ୱର ସୁନାନୀ ଓ ରୁଦ୍ର ମହାରଣା ପରିଚାଳନା କରିଥିଲେ। ଯୁବକ ସଂଘ ସଭାପତି ରଶ୍ମି ରଞ୍ଜନ ଗୋପାଲ, ସମ୍ପାଦକ ରମଣୀ ବାଗ, ରମେଶ ଗୋପାଲ, କାବୁଲ ଦୀପ, ବିଶ୍ୱାଳ ଦୀପ, ବସନ୍ତ ଗୋପାଲ, ପ୍ରବୀର ବାଗ ସହଯୋଗ କରିଥିଲେ। ପୂର୍ବତନ ଜାତୀୟ ଯୁବ ସାମାଜିକ କର୍ମୀ ଅକ୍ଷୟ କୁମାର ମେହେର ଧନ୍ୟବାଦ ଦେଇଥିଲେ।

### ନିର୍ଦ୍ଧାରିତ ସ୍ଥାନରେ ନିର୍ମାଣ ହେଉନାହିଁ ଗୋଷ୍ଠୀକେନ୍ଦ୍ର

**ଲାଠୋର,୧୫।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଅନ୍ତର୍ଗତ ଖର୍ଲି ଗ୍ରାମରେ ନିର୍ମାଣ ହେଉଥିବା ଗୋଷ୍ଠୀକେନ୍ଦ୍ର ନିର୍ଦ୍ଧାରିତ ସ୍ଥାନରେ ହେଉନାହିଁ। ଗ୍ରାମର ବୁଲୁ ତାଣ୍ଡି, ଅର୍ଜୁନ ତାଣ୍ଡି, ସପୁର ବାଗ, ବୁନଦେଇ ତାଣ୍ଡିଙ୍କ ସହ ପଡାବାସୀ ଏ ନେଇ ତୁରେକେଲା ବିଡିଓଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି। ସୂଚନା ଅନୁସାରେ, ଆମ ଗାଁ ଆମ ବିକାଶ ଯୋଜନାରୁ ୨ଲକ୍ଷ ଟଙ୍କା ବ୍ୟୟରେ ଖର୍ଲି ଗ୍ରାମର ଦଳିତ ପଡାରେ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ହେଲେ ନିର୍ଦ୍ଧାରିତ ଦଳିତ ପଡାରେ ଗୋଷ୍ଠୀକେନ୍ଦ୍ର ନିର୍ମାଣ କରିବା ପରିବର୍ତ୍ତେ ଦଳିତ ପଡାରେ ସରକାରୀ ଜମି ନାହିଁ କହି ଆଳ ଦେଖାଇ ଗୋଷ୍ଠୀକେନ୍ଦ୍ରକୁ ଗ୍ରାମର ଗଉଡ ପଡାରେ ନିର୍ମାଣ କରାଯାଉଛି। କାମକୁ ନେଇ ଅଭିଯୋଗ ହୋଇ ଆସୁଥିଲେ ମଧ କାହାକୁ ଖାତିର ନ କରି କାମ ଛାତ ପର୍ଯ୍ୟନ୍ତ କରାଗଲାଣି। କିଏ ଏବଂ କେଉଁ ସ୍ୱାର୍ଥରେ ଗଉଡ ପଡାରେ ଗୋଷ୍ଠୀକେନ୍ଦ୍ର ନିର୍ମାଣ କରୁଛନ୍ତି ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡାବାସୀ ଦାବି କରିଛନ୍ତି।

### ବିଧାୟକଙ୍କ ବେଲପଡ଼ା ଗସ୍ତ

**ବେଲପଡା,୧୫।୭(ଡି.ଏନ.ଏ.):** ପାଟଣାଗଡ ବିଧାୟକ ସରୋଜ ମେହେର ଗୁରୁବାର ବେଲପଡା ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ। ଧୁମାଭଟା କଲେକର ବନୋମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାରାରୋପଣ କରିଥିଲେ । ପରେ ମଣ୍ଡଳ ଗ୍ରାମକୁ ଯାଇ କରୋନା ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଏହି ସମୟରେ ଗ୍ରାମବାସୀ ମଣ୍ଡଳ ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁଙ୍କ ଅଳଙ୍କାର ଚୋରି ଘଟଣା ବିଷୟରେ ବିଧାୟକଙ୍କୁ ଅବଗତ କରିଥିଲେ। ନୁନହାଡ ଗସ୍ତ ସମୟରେ ସରମୁହାଣ ବିଅର କାରଖାନାରେ ମୃତ୍ୟୁବରଣ କରିଥିବା ବିଶ୍ୱନାଥଙ୍କ ପରିବାର ଓ ସୁଲେକେଲା ରେ କରୋନାରେ ମୃତ୍ୟୁବରଣ କରିଥିବା ପରିବାରଙ୍କୁ ଭେଟିଥିଲେ । ବେଲପଡା ଗୋଣ୍ଡିଆପଡାର ବିଭିନ୍ନ ସମସ୍ୟାର ଶୀଘ୍ର ସମାଧାନ କରିବାକୁ ବିଧାୟକ ମେହେର ପ୍ରତିଶ୍ରୁତି ଦେଇଥିଲେ। ସିହିନୀ ପଞ୍ଚାୟତରେ ଆୟୋଜିତ ବିଜେଡିର ଏକ ମିଶ୍ରଣ ପର୍ବରେ ବିଧାୟକ ଯୋଗ ଦେଇଥିଲେ। ଏହି ଅବସରରେ ୬ଜଣ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଗସ୍ତ ସମୟ ରେ ବିଧାୟକ ପ୍ରତିନିଧି ଗଣେଶ କୁମ୍ଭାର, ବିଜୟ କୁମାର ମେହେର, ପ୍ରଦୀପ ସିଂ ବୁଡେକ, ପ୍ରଦୀପ ମେହେର, ମହେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଜଳିଗଲା ଭେରାଇଟ୍ ଷ୍ଟୋର

**ଛତିଆ,୧୫।୭(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲର ଛକରେ ଥିବା ଜଗନ୍ନାଥ ଭେରାଇଟି ଷ୍ଟୋର ବୁଧବାର ରାତିରେ ନିଆଁ ଲାଗି ଜଳିଯାଇଛି। ଫଳରେ ଷ୍ଟୋରରେ ଥିବା ପ୍ରାୟ ୧୫ ଲକ୍ଷ ଟଙ୍କାର ସମାଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନଯୋଗ୍ୟ, ଉକ୍ତ ଛକରେ ଦୀର୍ଘ ବର୍ଷ ହେବ ସ୍ଥାନୀୟ ବିଦ୍ୟାଧରପୁର ଗ୍ରାମର ରଞ୍ଜିତ ନାଥ ଭେରାଇଟ୍ ଷ୍ଟୋର କରିଥିଲେ। ବିଳମ୍ବିତ ରାତିରେ ଉକ୍ତ ଦୋକାନ ଜଳୁଥିବା ସ୍ଥାନୀୟ ଲୋକେ ଦେଖି ରଞ୍ଜିତଙ୍କୁ ଖବର ଦେଇଥିଲେ। ପରେ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ।

# ମିଳିନି ପାରିଶ୍ରମିକ, ଚିନ୍ତାରେ ଶ୍ରମିକ

**ନୂଆପଡ଼ା ଅଫିସ,୧୫।୭**



କାମ କରି ପାରିଶ୍ରମିକ ପାଇ ନ ଥିବା ଶ୍ରମିକମାନେ।

**ଏମ୍‌ଜିଏନ୍‌ଆର୍‌ଇଜିଏସ୍**
**■କାମ କରି ୯ ମାସ ବିତିଲା**

ଆଦିବାସୀ ଅଧ୍ୟୁଷିତ ତଥା ଦାଦନ ପ୍ରବଣ ନୂଆପଡା ଜିଲା ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ନୂଆପଡା ଜିଲା କୋମନା ବ୍ଲକ ଆଗ୍ରେନ ଗାଁର ଶ୍ରମିକମାନେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାମ କରି ଆଜକୁ ପ୍ରାୟ ୯ ମାସ ହେବ ପାରିଶ୍ରମିକ ପାଇ ନ ଥିବା ଅଭିଯୋଗ କରିଛନ୍ତ। ଆମାଗୀ ୭ ଦିନ ମଧରେ ପାଉଣା ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ଗ୍ରାମର ଶ୍ରମିକ ଦୁର୍ଯ୍ୟଧନ ମାଝି, ଭଲଭଦ୍ର ମାଝି, ରମେଶ ଚନ୍ଦ୍ର ମାଝି, ରାଜ କୁମାର ମାଝି, ତାରାଚନ ନାଗ, ଗଙ୍ଗାରାମ ନାଗ, ଭୁବନ ନାଗ, ମିନକେତନ ମାଝି, ଚନ୍ଦ୍ରଭାନୁ ଗହୀର, ମୁକୁନ୍ଦ ଶଗରିଆ ପ୍ରମୁଖ ଶ୍ରମିକମାନେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଏଠିକାର ଶ୍ରମିକମାନେ ବର୍ଷା ଋତୁରେ ୬ ମାସ ଗାଁରେ ରହି ଚାଷ କରନ୍ତି ଏବଂ ଅନ୍ୟ ୬ ମାସ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଯାଇଥାନ୍ତି। ଅଧିକ କରି ପଡୋଶୀ ରାଜ୍ୟ ଛତିଶଗଡ ଓ ଆନ୍ଧ୍ରକୁ ଯାଇଥାନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉକ୍ତ ଯୋଜନାରେ ୨ଶହ ଦିନର କାମ ଯୋଗାଇବାକୁ ଘୋଷଣା କରିଛନ୍ତି । ହେଲେ ଶ୍ରମିକମାନଙ୍କୁ ଠିକ ସମୟରେ ପାରିଶ୍ରମିକ ମିଳୁ ନାହିଁ। କୋମନା ବ୍ଲକ ଆଗ୍ରେନ ଗାଁର ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଶ୍ରମିକ ଉକ୍ତ ଯୋଜନାରେ ଟିସିବି ୫ ଫୁଟିଆ ଗାତ କାମ କରି ଦୀର୍ଘ ୯ ମାସ ହେବ ପାରିଶ୍ରମିକ ନ ପାଇନାହାନ୍ତି। ଶ୍ରମିକମାନେ ପଞ୍ଚୟତଠାରୁ ଆରମ୍ଭ କରି ଜିଲାପାଳଙ୍କୁ ମଧ୍ୟ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଯେଉଁ ଅଧିକାରୀ ପାଖକୁ ଗଲେ ତଦନ୍ତ ଚାଲିଛି, ବହୁତ ଶୀଘ୍ର ସାମାଧାନ କରାଯିବ ବୋଲି କେବଳ ପ୍ରତିଶ୍ରୁତି ଦେଉଛନ୍ତି। କରୋନା ମହାମାରୀ ଯୋଗୁ ଶ୍ରମିକମାନେ କୌଣସି କାମଧନ୍ଦା ନ ପାଇ ହାତବାନ୍ଧି ବସିଥିଲେ। ଗ୍ରାମପଞ୍ଚାୟତ ପକ୍ଷରୁ ଟିସିବି ଗାତ ଖୋଳା କାମ ଆସିବାରୁ ଶ୍ରମିକମାନେ କାମ କରିଥିଲେ ମଧ ଏବେ ପାଉଣା ପାଇଁ ଘୁରି ବୁଲୁଛନ୍ତି। ବର୍ତ୍ତମାନ ଚାଷ କରିବା ସମୟ ଆସିଯାଇଥିବାରୁ ପାଉଣା ପାଇଲେ ହଳ ନଙ୍ଗଳ ଓ ବିହନ କିଣା କାର୍ଯ୍ୟରେ ଲାଗିବ। ପାଉଣା କେବେ ମିଳିବ ନେଇ ଶ୍ରମିକମାନେ ଚିନ୍ତାରେ ପଡିଯାଇଛନ୍ତି। ଏ ସଂକ୍ରାନ୍ତରେ କୋମନା ବିଡିଓ ସଦାଶିବ ଭତ୍ରାଙ୍କୁ ପଚାରିବାରୁ ତଦନ୍ତ ଚାଲିଛି। ଏହାର ଶୀଘ୍ର ସମାଧାନ କରାଯିବ ବୋଲିକହିଥିଲେ।

# ପିସି କାରବାର ନେଇ ଭିଡିଓ ଭାଇରାଲ

**ନୂଆପଡ଼ା ଅଫିସ,୧୫।୭**

**ପିସି କାରବାରକୁ ବିଡିଓଙ୍କ ଖଣ୍ଡନ**

ନୂଆପଡା ଜିଲା ସିନାପାଲି ବ୍ଲକରେ ପିସି କାରବାରକୁ ନେଇ ଏକ ଭିଡିଓ ବୁଧବାର ଭାଇରାଲ ହୋଇଥିଲା। ଭିଡିଓରେ ବ୍ଲକର ୨ଜଣ ଯନ୍ତ୍ରୀ ବିଡିଓ, ମୁଖ୍ୟ କିରାଣି ଏବଂ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କ ନାମ ନେଇ ଠିକାଦାରଙ୍କଠାରୁ ପିସି ଆଦାୟ କରୁଛନ୍ତି। ଏହି ଭାଇରାଲ ଭିଡିଓକୁ ବିଡିଓ ସଦାଶିବ ନାଏକ ଖଣ୍ଡନ କରିଛନ୍ତି। ଏକ ଠିକା କାମକୁ ନେଇ ଏପରି ଘଟଣା ଘଟିଛି, ଏପରିକି ଏହି ଭିଡିଓ ମୋ ସମୟର ଘଟଣା ନା ଅନ୍ୟ କେଉଁ ବର୍ଷର ତାହା ତଦନ୍ତ ସାପେକ୍ଷ ବୋଲି ବିଡିଓ ନାଏକ କହିଛନ୍ତି। ଏହି ଭିଡିଓ ସିନାପାଲିର କନିଷ୍ଠ ଯନ୍ତ୍ରୀଙ୍କ ଘରେ ରେକର୍ଡ ହୋଇଛି। କିନ୍ତୁ ମୁଁ ସିନାପାଲି ବ୍ଲକରେ ୨୦୨୦ରେ ଯୋଗଦାନ କରିଛି। ମୋ କାର୍ଯ୍ୟ ଭିତରେ ସିନାପାଲି ବ୍ଲକକୁ ଏମ୍‌ଜିଏନ୍‌ଆରଇଜଏସ୍ କାର୍ଯ୍ୟ ପାଇଁ ଜିଲାରେ ଏକ ନମ୍ବର ଏବଂ ଆବାସ ଯୋଜନାରେ ଦ୍ୱିତୀୟ ସ୍ଥାନ ମିଳିଛି। କିନ୍ତୁ ମୋତେ ଠିକା କାମ ପାଇଁ କିଛି ଲୋକ ଚକ୍ରାନ୍ତ କରି ବଦନାମ କରିବାକୁ ଅପଚେଷ୍ଟା ଚଳାଇଛନ୍ତି ବୋଲି ବିଡିଓ ନାଏକ କରିଛନ୍ତି। ଏ ସଂକ୍ରାନ୍ତରେ ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ପଚାରିବାରୁ ତଦନ୍ତ ଚାଲିଛି। ତଦନ୍ତ ରିପୋର୍ଟ ଆସିବା ପରେ ପ୍ରକୃତ ଦୋଷୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ବେଆଇନ ଜବରଦଖଲରେ ସେବା ସମବାୟ ସମିତି ଷ୍ଟଲ୍

**ଲାଠୋର, ୧୫।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସେବା ସମବାୟ ସମିତି ଷ୍ଟଲ୍ ବର୍ଷ ବର୍ଷ ଧରି ଜବରଦଖଲରେ ରହିଛି। ଖାଲି ସେତିକି ନୁହେଁ, କେତେକ ଏହାକୁ ଭଡା ସୂତ୍ରରେ ଦେଇଥିବା ଅଭିଯୋଗ ହେଉଛି। ସୂଚନାନୁସାରେ ଲାଠୋର ସେବା ସମବାୟ ସମିତି ସମ୍ମୁଖରେ ନିର୍ମାଣ ହୋଇଥିବା ୫ଟି ଷ୍ଟଲ୍ ବ୍ୟବସାୟୀମାନଙ୍କୁ ଚୁକ୍ତି କରି ମାସିକ ୩୫୦ଟଙ୍କା ଭଡାରେ ଦିଆଯାଇଛି । ହେଲେ ଜଣେ ବ୍ୟବସାୟୀଙ୍କୁ ଛାଡିଦେଲେ ଅନ୍ୟମାନେ ପ୍ରଥମ ବର୍ଷ ଚୁକ୍ତି କରି ଷ୍ଟଲ୍ ଭଡା ନେଲା ପରେ ଆଉ ଚୁକ୍ତି କରିନାହାନ୍ତି। ବର୍ଷ ବର୍ଷ ଧରି ବିନା ଚୁକ୍ତିରେ ଷ୍ଟଲ୍‌କୁ ନିଜ ଅକ୍ତିଆରରେ ରଖି ଅନ୍ୟମାନଙ୍କଠାରୁ ମାସିକ ୨୫ଶହରୁ ୩ ହଜାର ଟଙ୍କାରେ ଭଡା ଆଦାୟ କରୁଛନ୍ତି। ଏସବୁ ଦୀର୍ଘବର୍ଷ ହେଲା ଚାଲିଥିଲେ ହେଁ ସେବା ସମବାୟ ସମିତି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସେବା ସମବାୟ ସମିତି ସମ୍ପାଦକ ଜଗଦୀଶ ରଣାଙ୍କୁ ପଚାରିବାରୁ ବିନା ଚୁକ୍ତିରେ ଯେଉଁ ବ୍ୟବସାୟୀମାନେ ଷ୍ଟଲ୍‌କୁ ମାଡି ବସିଛନ୍ତି ସେମାନଙ୍କୁ ନୋଟିସ କରି ସାରିଛୁ। ହେଲେ ସେମାନେ ଷ୍ଟଲ୍ ଛାଡୁ ନାହାନ୍ତି କି ଚୁକ୍ତି କରୁନାହାନ୍ତି ବୋଲି କହିଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି।

# ଭାରତୀୟ ମୁକ୍ତିମୋର୍ଚ୍ଚା ପକ୍ଷରୁ ଧାରଣା

**କୋକସରା, ୧୫।୭ (ଡି.ଏନ.ଏ.)**



ତହସିଲ ଅଫିସ ସମ୍ମୁଖରେ ଧାରଣ ଦିଆଯାଇଛି।

ଦେଶରେ ଆଦିବାସୀମାନଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ବିରୋଧରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ଦେଶବ୍ୟାପୀ ଚରଣବଦ୍ଧ ଆନ୍ଦୋଳନ କାରାଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା କୋକସରାଠାରେ ଭାରତୀୟ ମୁକ୍ତିମୋର୍ଚ୍ଚା ପକ୍ଷରୁ ତହସିଲ ଅଫିସ ସମ୍ମୁଖରେ ଧାରଣ ଦିଆଯାଇଛି। ଏଠାରେ ଜଳ, ଜଙ୍ଗଲ, ଜମି ଓ ଆଦିବାସୀମାନଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ବିରୋଧରେ ଧାରଣା ଦିଆଯାଇଥିଲା। ପରେ ଭାରତୀୟ ମୁକ୍ତି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀ ସଭାପତି ଦୁର୍ଯ୍ୟୋଧନ ଜାଲଙ୍କ ନେତୃତ୍ୱରେ କୋକସରା ତହସିଲଦାର ମନୋଜ କୁମାର ପାଢୀଙ୍କୁ ୨୧ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ରଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ କୋକସରା ବ୍ଲକ ସଭାପତି ଉପେନ୍ଦ୍ର ଶବର, ଜୟରାମ ମହାନନ୍ଦ, ନିରନମାଝି, କେଶବନିଆଲ, ବ୍ରଜନିଆଲ, ଘାଶିରାମ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଦମ୍ପତିଙ୍କ ଆତ୍ମହତ୍ୟା

**ହତ୍ୟା ସନ୍ଦେହ**

**ବିଞ୍ଝାରପୁର,୧୫।୭(ଡି.ଏନ.ଏ.)**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଉତ୍ତରକୁଳ ପଞ୍ଚାୟତ ସୁନ୍ଦରପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଏକ ଦମ୍ପତି ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଅନ୍ୟପକ୍ଷରେ ଉଭୟଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରାଯାଉଛି। ମୃତ ଦମ୍ପତି ହେଲେ ଗ୍ରାମର ଦୀପକ କୁମାର ନାଥ(୩୩) ଓ ତାଙ୍କ ସ୍ତ୍ରୀ ଅନିତା ନାଥ(୨୦)। ପାରିବାରିକ କଳହ ଏବଂ ଆର୍ଥିକ ଅଭାବରୁ ଉଭୟ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ସୂଚନା ଅନୁସାରେ, ଦୀପକ ଯାଜପୁର ଟାଉନ ଥାନା ଅଧୀନ ଖଣ୍ଡରା ପଞ୍ଚାୟତ ବାଲିପଦା ଗ୍ରାମର ଅନିତାଙ୍କୁ ଗତ ବର୍ଷ ଜୁଲାଇ ୬ରେ ବିବାହ କରିଥିଲେ। ସେ ହାଇଦ୍ରାବାଦରେ କାର୍ଯ୍ୟ କରୁଥିବା ବେଳେ ଗତ ମାସ ୧୫ ତାରିଖରେ ଘରକୁ ଆସିଥିଲେ। ତେବେ ତାଙ୍କ ମା' ଓ ଭଉଣୀଙ୍କ କହିବା ଅନୁଯାୟୀ, ବୁଧବାର ରାତିରେ ସମସ୍ତେ ଖାଇସାରି ସୋଇଥିଲେ। ସକାଳ ୬ଟା ପରେ ସମସ୍ତେ ଉଠିଥିଲେ ମଧ ଦୀପକ ଏବଂ ଅନିତା ଉଠି ନ ଥିଲେ। ଘର ଲୋକ ସେମାନଙ୍କୁ ଡାକିଥିଲେ ମଧ କେହି କବାଟ ଖୋଲି ନ ଥିଲେ। ଫଳରେ ଦୀପକଙ୍କ ମା' ପଡ଼ିଶା ଘର ଲୋକଙ୍କୁ ଡାକିଥିଲେ। ପଡ଼ିଶା ଲୋକେ ଆସି ଶାବଳରେ କବାଟ ତାଡ଼ିଥିଲେ। ଏହାପରେ ଫ୍ୟାନରେ ଏକ ଲୁଗା ସାହାଯ୍ୟରେ ଅନିତା ଓ ଦୀପକ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏହାଦେଖି ଗ୍ରାମବାସୀ ଅଳକୁଣ୍ଡ ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଗଣେଶଚନ୍ଦ୍ର ଘଡ଼ାଇ ଓ ବିଞ୍ଝାରପୁର ଥାନା ଅଧିକାରୀ ଅମରେନ୍ଦ୍ର ଦାଶ ପହଞ୍ଚି ମୃତଦେହ ୨ଟିକୁ ଜବତ କରି ବ୍ୟବଚ୍ଛେଦ ଲାଗି ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ପରେ ଅନିତାଙ୍କ ବାପଘର ଲୋକ ପହଞ୍ଚି ଅନିତା ଓ ଦୀପକଙ୍କୁ କେହି ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଗରିବ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ



କେନ୍ଦୁଗୁଡା ଗାଁରେ ଆୟୋଜିତ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ।

**ନୂଆପଡ଼ା ଅଫିସ/ଖଡ଼ିଆଳ, ୧୫।୭ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକରେ କରୋନାରେ ମୃତ୍ୟୁବରଣ କରିଥିବା ପରିବାର, ଅସହାୟ, ବୃଦ୍ଧାବୃଦ୍ଧ ପରିବାରଙ୍କୁ ଖଡିଆଳ ଯାର ଅନୁଷ୍ଠାନ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଖଡିଆଳ ବ୍ଲକ କେନ୍ଦୁଗୁଡା ପଞ୍ଚାୟତ କେନ୍ଦୁଗୁଡା ଗାଁରେ ୭୨ ପରିବାର, କିରକିଟା ପଞ୍ଚାୟତ ସମାଡପଦର ଗାଁରେ ୫୩ ପରିବାର, ଲାଞ୍ଜି ପଞ୍ଚାୟତ କରନଢାବା ଗାଁର ୩୬ ପରିବାରଙ୍କୁ ଶୁଖିଲା ଖାଦ୍ୟ ଚାଉଳ, ଡାଲି, ତେଲ, ଲୁଣ, ଆଳୁ, ଚିନି ଭଳି ଘର ଚଳଣି ସାମଗ୍ରୀ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଖଡିଆଳ ବିଡିଓ ନାରାୟଣ ସାହୁ, ମହେନ୍ଦ୍ର ଯୋଷୀ, ହରିଦାସ ପଟେଲ, ଅରୁନ କୁମାର ବିଶ୍ୱାଳ ପ୍ରମୁଖଙ୍କ ସମେତ ଯାର ଅନୁଷ୍ଠାନ କର୍ମଚାରୀମାନେ ସହଯୋଗ କରିଥିଲେ।

# ବ୍ଲକ ଅଫିସ ସମ୍ମୁଖରେ ସରପଞ୍ଚ ସଂଘର ଧାରଣା

**ବେଲପଡା, ୧୫।୭(ଡି.ଏନ.ଏ.)**



ବ୍ଲକ ଅଫିସ ସମ୍ମୁଖରେ ଧାରଣାରତ ସରପଞ୍ଚମାନେ।

କରୋନା ବକେୟା ଟଙ୍କା ପ୍ରଦନ ଦାବିରେ ବେଲପଡା ବ୍ଲକ ଅଫିସ ସମ୍ମୁଖରେ ସରପଞ୍ଚ ସଂଘ ତରଫରୁ ଧାରଣ ଦିଆଯାଇଥିଲା। ଗତବର୍ଷ କରୋନା ସମୟରେ ସରକାର ଆସ୍ଥାୟୀ କେନ୍ଦ୍ର ଖୋଲି ସେଠାରେ ବାହାର ରାଜ୍ୟରୁ ଆସୁଥିବା ଶ୍ରମିକଙ୍କୁ ସେମାନେ ରଖିବାର ବ୍ୟବସ୍ଥା କରିଥିଲେ । ଅସ୍ଥାୟୀ କେନ୍ଦ୍ରରେ ଶ୍ରମିକମାନଙ୍କ ସମସ୍ତ ବ୍ୟବସ୍ଥା ପାଇଁ ବହୁ ଖର୍ଚ୍ଚ କରିଥିଲେ। ବିଭିନ୍ନ ପଞ୍ଚାୟତରେ ସରପଞ୍ଚମାନେ ଧାରଉଧାର କରି ଖର୍ଚ୍ଚ କରିଥିଲେ ହେଁ ଆଜି ପର୍ଯ୍ୟନ୍ତ ବକେୟା ଟଙ୍କା ପ୍ରଦାନ କରାଯାଇ ନାହିଁ। ବାରମ୍ବାର ବକେୟା ଟଙ୍କା ପାଇ ଦାବି କରିଥିଲେ ମଧ ମିଳି ନ ଥିବା ସରପଞ୍ଚମାନେ ଅଭିଯୋଗ କରିଛନ୍ତି। ଅନ୍ୟନୋପାୟ ହୋଇ ବେଲପଡା ସରପଞ୍ଚ ସଘ ସଭାପତି ମହାଦେବ ମେହେରଙ୍କ ନେତୃତ୍ୱରେ ୨୩ଜଣ ସରପଞ୍ଚ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣରେ ବସିଥିବା କହିଛନ୍ତି। ଏଥି ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ସହ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବାକୁ ସରପଞ୍ଚମାନେ ଦାବି କରିଛନ୍ତି। ବିଡିଓ ଘଟଣାସ୍ଥଳରେ ପହଞ୍ଚି ସରପଞ୍ଚମାନଙ୍କ ସହ ଆଲୋଚନା କରିଥିଲେ ମଧ ସେମାନେ ନିଜଜିଦ୍‌ରେ ଅଟଳ ରହିଥିଲେ। ପରେ ବିଡିଓ ଭିକ୍ଟର ସରୋରେଙ୍ଗ ଆସନ୍ତା ୭ ଦିନ ମଧ୍ୟରେ ବକେତା ଟଙ୍କା ମିଳିବା ବ୍ୟବସ୍ଥା କରାଯିବ ବୋଲି କହିବା ପରେ ସରପଞ୍ଚମାନେ ଧାରଣାରୁ ଓହରିଥିଲେ।

# ବ୍ରାଉନସୁଗାର ଜବତ,୩ ଗିରଫ

**ବାରିପଦା ଅଫିସ/ରାସଗୋବିନ୍ଦପୁର, ୧୫।୭(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ପୋଲିସ ସ୍ଥାନୀୟ ବାଜପେୟୀ ଛକରେ ଗାଡ଼ି ଚେକିଂ କରୁଥିବା ସମୟରେ ଏକ ବାଇକ୍‌ରୁ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ବସ୍ତା ଥାନା ସଦାନନ୍ଦପୁର ଅଞ୍ଚଳର ସେକ୍ କାମାରୁଦ୍ଦିନ, କୁଲିଅଣା ଥାନା ବାଇଗଣବାଡ଼ିଆ ଗ୍ରାମର ସୁଗୁଦା ମାଝୀ ଓ ଶାନ୍ତନୁ ଖମାରୀ। ପ୍ରଥମେ ସେକ୍ କାମାରୁଦ୍ଦିନ ଧରାପଡ଼ିବାରୁ ତାଙ୍କଠାରୁ ୧ଗ୍ରାମ ୫୮୦ମି.ଗ୍ରା ବ୍ରାଉନ ସୁଗାର ଜବତ କରାଯାଇଥିଲା। ଏହାକୁ କିଣିବାକୁ ଆସିଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି।

# ପକ୍ଷାଘାତରେ ପୀଡ଼ିତ ବଡ଼ ମା'ଙ୍କୁ ହତ୍ୟା, ପୁତୁରା ଗିରଫ

**ଛତ୍ରପୁର,୧୫।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମରେ ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି। ପକ୍ଷାଘାତରେ ପୀଡ଼ିତ ନିଜ ବଡ଼ ମା'ଙ୍କୁ ପୁତୁରା କାତିରେ ହାଣି ହତ୍ୟା କରିଛନ୍ତି । ମୃତ ମହିଳା ହେଲେ ପଦ୍ମାବତୀ ମଣ୍ଡଳ(୮୦)। ଅଭିଯୁକ୍ତ ପୁତୁରା ସୀତାରାମ ମଣ୍ଡଳଙ୍କୁ ପୋଲିସ ଗିରଫ କରିଛି। ବଡ଼ ମା' ରୋଗରେ ପଡ଼ି କଷ୍ଟ ପାଉଥିଲେ। ତେଣୁ ତାଙ୍କୁ ମାରିଦେଲି ବୋଲି ସୀତାରାମ ପୋଲିସ ଆଗରେ ବୟାନ ଦେଇଛନ୍ତି। ସୁନ୍ଦରପୁର ଗ୍ରାମର ଦୁର୍ଗାଚରଣ ମଣ୍ଡଳଙ୍କ ମା' ପଦ୍ମାବତୀ ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। ଗୁରୁବାର ମଧ୍ୟାହ୍ନରେ ସେ ଘରେ ଶୋଇଥିଲେ। ଏହି ସମୟରେ ପୁତୁରା ସୀତାରାମ ଆସି ତାଙ୍କ ମୁଣ୍ଡକୁ କାତିରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଅନ୍ୟ ଏକ ଘରେ ଥିବା ଦୁର୍ଗାଚରଣ ଆସି ଦେଖିଲା ବେଳକୁ ମା'ଙ୍କ ମୃତ୍ୟୁ ଘଟିସାରିଥିଲା। ଏ ନେଇ ଦୁର୍ଗାଚରଣ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ଥାନା ଏସଆଇ ସତ୍ୟଜିତ ବେଣିଆ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତ ସୀତାରାମ ଫେରାର ହୋଇଯାଇଥିଲେ। ତାଙ୍କୁ ବଳରାମପୁର ରାସ୍ତା ଡାଲଖାଇ ମନ୍ଦିର ନିକଟରୁ କାବୁ କରିବା ପରେ ଗିରଫ କରାଯାଇଛି। ହତ୍ୟାରେ ବ୍ୟବହୃତ କାତିକୁ ପୋଲିସ ଜବତ କରିଛି । ଏ ନେଇ ନଂ. ୩୫୧/୨୧ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି ।

# ବିନା କାମରେ ଉଠିଛି ଟଙ୍କା

**ଖପ୍ରାଖୋଲ, ୧୫।୭(ଡି.ଏନ.ଏ.)**



ଅଭିଯୋଗ ପରେ ମୋ ପୋଖରୀ କାମ କରାଯାଉଛି।

**ମୋ ପୋଖରୀ ଖନନରେ ଦୁର୍ନୀତି ଅଭିଯୋଗ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବନ୍ଦେପଦର ଗାଁରେ ମୋ ପୋଖରୀ ଯୋଜନାରେ ଦୁର୍ନୀତି ହୋଇଛି। ଗାଁର ଜଣେ ହିତାଧିକାରୀ ମୋ ପୋଖରୀ ଯୋଜନାରେ କାମ ନ କରି ପ୍ରାୟ ୮୭ ହଜାର ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଛି। ଏପରିକି ଅନ୍ୟ ଜଣକ ମୋ ପୋଖରୀ ନିକଟରେ ସୂଚନା ଫଳକରେ ତାଙ୍କ ନାମ ଲେଖା ଯାଇଛି। ଅଭିଯୋଗର ସତ୍ୟତା ଜାଣିବାକୁ ଗଣମାଧ୍ୟମ ପ୍ରତିନିଧି ଗାଁକୁ ଗଲାବେଳେ ଏକ ଚାଷ ଜମିରେ ଅନ୍ୟ ପଞ୍ଚାୟତର କେତେକ ଶ୍ରମିକ ସମ୍ପୃକ୍ତ ବ୍ୟକ୍ତିଙ୍କ ମୋ ପୋଖରୀ ଖୋଳୁଥିବା ଦେଖାଯାଇଥିଲା । ସବୁଠୁ ବଡ ଆଶ୍ଚର୍ଯ୍ୟର କଥା ହେଲା ହିତାଧିକାରୀ ଜଣକ ତାଙ୍କ ପୋଖରୀ ଖନନ ପାଇଁ କେତେ ଟଙ୍କା ପଡିଛି ଜାଣି ନ ଥିବାବେଳେ ସପ୍ତାହ ତଳେ କାମ ପାଇଁ ଡିମାଣ୍ଡ ଦେଇଥିବା କହିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାକୁ ଦେଖିବା ପାଇଁ ଜିଆରଏସ୍ ନିଯୁକ୍ତ ହୋଇଥିବାବେଳେ କନିଷ୍ଠ ଯନ୍ତ୍ରୀ ବିଲ୍ କଲା ପରେ ଏଫଟିଓ ପାଇଁ ଯାଇଥାଏ। ପଞ୍ଚାୟତର ପ୍ରକଳ୍ପ ହୋଇଥିଲେ ସରପଞ୍ଚ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଡିଏସ୍‌ସି ମାଧ୍ୟମରେ ଟଙ୍କା ଶ୍ରମିକଙ୍କ ପାସ୍‌ବହିକୁ ଯାଇଥାଏ। ହେଲେ ଏଠି ବିନା କାମ କରି କିଭଳି ଶ୍ରମିକଙ୍କ ପାସ୍‌ବହିକୁ ଟଙ୍କା ଯାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଜିଆରଏସ୍‌ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବନ୍ଦେପଦର ଗାଁର ସୁଶୀଲ ସାହୁ, ପ୍ରମୋଦ ସାହୁ, କୈଳାସ ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ବିଡିଓ ପ୍ରଭାତ କୁମାର ସାହୁଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିଆଙ୍କୁ ପଚାରିବାରୁ ଘଟଣା ସତ୍ୟ ହୋଇଥିଲେ ତିନିଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।